


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୧ ଡିସେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 21 DECEMBER 2020
Vol.No. 30 ■ No. 323 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019




ବହୁ ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଦାରିଦ୍ର୍ୟ ଏବଂ ସାମାଜିକ କୁପ୍ରଥାର ବିଲୋପ ଆବଶ୍ୟକ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୦।୧୨ (ନି.ପ୍ର): ଲୋକମାନଙ୍କ ସାମାଜିକ-ଅର୍ଥନୈତିକ ଉନ୍ନତି ନିମନ୍ତେ ରାଜ୍ୟ ସରକାରଙ୍କ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଜାରି ରହିଥିବା ବେଳେ ଦାରିଦ୍ର୍ୟ ଏବଂ ସାମାଜିକ କୁପ୍ରଥାର ବିଲୋପ ଆବଶ୍ୟକ ବୋଲି ଅନ୍ତର୍ଜାତୀୟ ମାନବ ଏକତା ଦିବସ ଅବସରରେ କହିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ। ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ପାଇଁ ସମ୍ମାନ, ସୁରକ୍ଷା ଓ ମର୍ଯ୍ୟାଦାକୁ ସୁନିଶ୍ଚିତ କରିବା ପାଇଁ ଆହ୍ୱାନ ଦେଇଛନ୍ତି ।

## ୩ ଦିନ ଯାଏଁ ଥରାଇବ ଶୀତ

ଭୁବନେଶ୍ୱର,,୨୦।୧୨ (ନି.ପ୍ର): ଆସନ୍ତା ୩ଦିନ ଯାଇଁ ଆଭ୍ୟନ୍ତରୀଣ ଓଡ଼ିଶାରେ ଶୀତ ଲହରୀ ଜାରି ରହିବ। ଆଗାମୀ ୨୪ଘଂଟା ମଧ୍ୟରେ ତୀବ୍ର ଶୀତ ଲହରୀ ପାଇଁ ରାଜ୍ୟର ୫ଜିଲ୍ଲାକୁ ଅରେଂଜ ୱାର୍ଣ୍ଣିଂ ଏବଂ ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ବରଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୁଳ ଓ ମୟୂରଭଞ୍ଜ ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ପକ୍ଷରୁ ଜାରି କରାଯାଇଛି। ସେହିପରି ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ୧୧ଟି ଜିଲ୍ଲା ହେଲା କୋରାପୁଟ, କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ, ବୌଦ୍ଧ, ସୋନପୁର, କଟକ, ଢେଙ୍କାନାଳ, କେନ୍ଦୁଝର, ବାଲେଶ୍ୱର, ଦେବଗଡ଼ ଆଦି ରହିଛି। ଅନ୍ୟପକ୍ଷରେ ଉପକୂଳବର୍ତ୍ତୀ ଜିଲ୍ଲାରେ ରାତ୍ରିରେ ତାପମାତ୍ରା ସ୍ୱାଭାବିକ ଠାରୁ ୩ ରୁ ୪ ଡ଼ିଗ୍ରୀ କମ୍ ରହିବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ୨୨ ତାରିଖ ପାଇଁ ୬ ଜିଲ୍ଲାକୁ ଅରେଂଜ ୱାର୍ଣ୍ଣିଂ ଏବଂ ୧୫ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ମୟୁରଭଂଜ, ଅନୁଗୁଳ, ଝାରସୁଗୁଡା, ବରଗଡ, ସୁନ୍ଦରଗଡ ଓ ଢେଙ୍କାନାଳ ଜିଲ୍ଲାରେପ୍ରବଳ ଶୀତ ଲହରୀ ପାଇଁ ଅରେଂଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି କୋରାପୁଟ, କନ୍ଧମାଳ, ସମ୍ବଲପୁର, ସୁବର୍ଣ୍ଣପୁର , ବୌଦ୍ଧ, ଦେବଗଡ, କଳାହାଣ୍ଡି, ବଲାଙ୍ଗୀର, ନବରଙ୍ଗପୁର, ନୂଆପଡା, ବାଲେଶ୍ୱର, ଭଦ୍ରକ ,କଟକ , ଯାଜପୁର ଓ କେନ୍ଦୁଝର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୨୩ ତାରିଖ ମଧ୍ୟରେ ସୁନ୍ଦରଗଡ, ଝାରସୁଗୁଡା, ମୟୁରଭଂଜ, ଅନୁଗୁଳ, ବରଗଡ, କୋରାପୁଟ, କଳାହାଣ୍ଡି, ବୌଦ୍ଧ, ଢେଙ୍କାନାଳ ଓ କନ୍ଧମାଳ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

# ବିଜେଡି କାର୍ଯ୍ୟକାରିଣୀରେ ୯ ପ୍ରସ୍ତାବ ପାରିତ

## ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପାଇଁ ଲଢ଼େଇ ଜାରି ରହିବ
## ବିଜେଡି ହେଉଛି ଲୋକଙ୍କ ଦଳ; ଲୋକଙ୍କ ସେବାରେ ସମର୍ପିତ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୦।୧୨ (ନି.ପ୍ର): ବିଜୁ ଜନତା ଦଳର କାର୍ଯ୍ୟକାରିଣୀ ବୈଠକ ରାଜ୍ୟ ମୁଖ୍ୟକାର୍ଯ୍ୟାଳୟ ଠାରେ ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୯ଟି ପ୍ରସ୍ତାବ ପାରିତ ହୋଇଯାଇଛି। ଏଥିରେ ସ୍ୱାମୀନାଥନ କମିଟି ସୁପାରିଶ କ୍ରମେ ଚାଷୀଙ୍କୁ ଏମଏସପି ଦେବାକୁ ପ୍ରସ୍ତାବ ଦିଆଯାଇଛି। ଏଥିସହ ବିଧାନସଭା ଓ ସଂସଦରେ ମହିଳାଙ୍କୁ ୩୩% ସଂରକ୍ଷଣ ଏବଂ ଓଡ଼ିଶାର ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ଦାବି ସହ ଓଡ଼ିଶାର ବରପୁତ୍ରମାନଙ୍କ ଗାଁକୁ ଆଦର୍ଶ ଗ୍ରାମ ଭାବ ଗ୍ରହଣ କରିବାକୁ ଦଳ ପ୍ରସ୍ତାବ ଦେଇଛି । ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ସହ ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ଦାବିକୁ ଦଳ ଦୋହରାଇଛି । କେନ୍ଦ୍ରର ଅବହେଳା ରାଜ୍ୟର ବିକାଶ ଦିଗରେ ବାଧକ ସାଜିଛି । ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପାଇଁ ଲେଢ଼ଇ ଜାରି ରହିବ ବୋଲି ବରିଷ୍ଠ ନେତା ମାନେ ପ୍ରକାଶ କରିଥିଲେ। ଏହି ବୈଠକରେ ବୈଠକରେ ୮୦ କାର୍ଯ୍ୟକାରିଣୀ ସଦସ୍ୟ,

▶▶ପୃଷ୍ଠା ୭

# ପରୀ ହତ୍ୟା ଘଟଣାରେ ଅଭିଯୁକ୍ତ ଗିରଫ !

## ଆଜି ପୋକ୍ସୋ କୋର୍ଟରେ ହାଜର କରାଇବ ଏସଆଇଟି



ଭୁବନେଶ୍ୱର,୨୦।୧୨ (ନି.ପ୍ର): ନୟାଗଡ଼ ସଦର ଥାନା ଅନ୍ତର୍ଗତ ଯଦୁପୁର ଗାଁର ନାବାଳିକା ପରୀ ହତ୍ୟା ମାମଲାରେ ଏସ୍ଆଇଟି ରବିବାର ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଅଭିଯୁକ୍ତ ଜଣକ ଯଦୁପୁର ଗାଁର । ଅଭିଯୁକ୍ତକୁ ଆସନ୍ତାକାଲି ନୟାଗଡ଼ ପୋକ୍ସୋ କୋର୍ଟରେ ହାଜର କରାଯିବ। ତେବେ ଅଭିଯୁକ୍ତର ପରିଚୟ ସମ୍ପର୍କରେ ଏସଆଇଟି କୌଣସି ସୂଚନା ଦିଆଯାଇନାହିଁ। ଅଭିଯୁକ୍ତ ବିରୁଦ୍ଧରେ ୩୭୬-ଏ , ୩୬୪ , ୩୦୨, ୨୦୧, ୩୭୬/ ଏବି'ରେ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ପରୀ ହତ୍ୟାକାଣ୍ଡ ମାମଲାରେ ସନ୍ଦିଗ୍ଧ କଲେଜ ଛାତ୍ର ସରୋଜ ସେଠୀଙ୍କୁ ଏସ୍ଆଇ ଟି ଉଠାଇ ନେଇ ପଚରାଉଚରା କରିଥିଲା। ସରୋଜଙ୍କ ମା', ବଡ଼ ଭଉଣୀଙ୍କୁ ମଧ ଏସ୍ଆଇଟି ଉଠାଇନେଇଥିଲା ଏବଂ ପରେ ଛାଡି ଦେଇଥିଲା। ତାଙ୍କୁ ପରୀ ମାମଲାରେ ଫସାଇବାକୁ ଏସଆଇଟି ମୁଖ୍ୟ ଅରୁଣ ବୋଥ୍ରା ପ୍ରବର୍ତାଉଥିବା ଏବଂ

▶▶ପୃଷ୍ଠା ୭

## ଅଭିନେତ୍ରୀ ବର୍ଷାଙ୍କୁ ନିର୍ଯାତନା ଅଭିଯୋଗ

# ଅନୁଭବ ଓ ଦୁଇ ସହଯୋଗୀଙ୍କ ବିରୋଧରେ ମାମଲା ରୁଜୁ



କଟକ,୨୦।୧୨ (ନି.ପ୍ର): କେନ୍ଦ୍ରାପଡ଼ା ସାଂସଦ ଅନୁଭବ ମହାନ୍ତିଙ୍କ ବିରୋଧରେ ମାମଲା ରୁଜୁ କରିଛି ପୁରୀଘାଟ ଥାନା ପୋଲିସ । ଅନୁଭବଙ୍କ ସହିତ ତାଙ୍କର ଅନ୍ୟ ଦୁଇ ଜଣ ସହଯୋଗୀଙ୍କ ବିରୋଧରରେ ମଧ ମାମଲା ରୁଜୁ ହୋଇଛି । ଘରୋଇ ହିଂସା ଓ ନିର୍ଯାତନା ନେଇ ତାଙ୍କ ପତ୍ନୀ ତଥା ଓଡ଼ିଆ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଥାନାରେ ଏତଲା କରିଥିଲେ । ଏତଲାକୁ ଭିତି କରି ପୋଲିସ ମାମଲା ରୁଜୁ କରିଛି । ଧାରା ୪୯୮ (ଏ) ରେ ମାମଲା ରୁଜୁ କରିଛି ପୁରୀ ଘାଟ ଥାନା ପୋଲିସ । ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଥିବା ନେଇ ସୂଚନା ମିଳିଛି । ଏଠାରେ ଉଲ୍ଲେଖଯୋଗ୍ୟ, ପୂର୍ବରୁ ସାଂସଦ ସ୍ୱାମୀ ଅନୁଭବ ଓ ପତ୍ନୀ ବର୍ଷାଙ୍କ ମାମଲା ସୁପ୍ରିମକୋର୍ଟରେ ବିଚାରଧିନ ରହିଛି ।

# ପଶ୍ଚିମବଙ୍ଗରେ ଓଏନଜିସିର ଅଷ୍ଟମ ଉତ୍ପାଦନ ବେସିନ୍ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କଲେ କେନ୍ଦ୍ରମନ୍ତ୍ରୀ

## ୭୦ ବର୍ଷର ଅପେକ୍ଷା ପରେ ଦେଶ ପାଇଁ ବଡ଼ ସଫଳତା ଆଣିଛି ଓଏନଜିସି : ଧର୍ମେନ୍ଦ୍ର



ପଶ୍ଚିମବଙ୍ଗ/ଭୁବନେଶ୍ୱର,୨୦।୧୨ (ନି.ପ୍ର): ସ୍ୱାଧୀନତାର ୭୦ ବର୍ଷର ଅପେକ୍ଷା ପରେ ତୈଳ ଓ ଗ୍ୟାସ ଅନ୍ୱେଷଣ ଏବଂ ଉତୋଳନ ରାଷ୍ଟ୍ରାୟତ କମ୍ପାନୀ ଓଏନଜିସି ଦେଶ ପାଇଁ ବଡ଼ ସଫଳତା ଆଣିଛି ବୋଲି ରବିବାର ପଶ୍ଚିମବଙ୍ଗର ଅଶୋକନଗର ଠାରେ ଓଏନଜିସିର ଅଷ୍ଟମ ଉତ୍ପାଦନ ବେସିନ୍ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେହିପରି ଆଜିର ଉଦଘାଟନ ଉତ୍ସବ ପଶ୍ଚିମବଙ୍ଗର ବିକାଶ ଓ ଅଭିବୃଦ୍ଧି ପାଇଁ ନୂଆ ସମ୍ଭାବନା ଆଣିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ତିନିଦିନିଆ ପଶ୍ଚିମବଙ୍ଗ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଗସ୍ତର ଅନ୍ତିମ ଦିନରେ ଏହାକୁ ଲୋକାର୍ପଣ କରିବା ଅବସରରେ କହିଛନ୍ତି ଯେ ୧୯୪୯ ମସିହାରୁ ପଶ୍ଚିମବଙ୍ଗର ବ୍ରହ୍ମପୁତ୍ର, ଦାମଦୋର, ଗଙ୍ଗା ତ୍ରିକୋଣଭୂଖଣ୍ଡରୁ ତୈଳ ଓ ଗ୍ୟାସର ଅନୁସନ୍ଧାନ କରାଯାଉଥିଲା ।

# ପ୍ରତ୍ୟେକ ଜିଲ୍ଲାରୁ କୃଷକ ପ୍ରତିନିଧିଙ୍କ ଦିଲ୍ଲୀ ଯାତ୍ରା ନିଷ୍ପତ୍ତି




ବାଲେଶ୍ୱର,୨୦।୧୨ (ନି.ପ୍ର): କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ୍ ପ୍ରତ୍ୟାହାର ଦାବିରେ ଦୀର୍ଘ ୨୪ ଦିନଧରି ଦିଲୀରେ ଆନ୍ଦୋଳନ ଜାରି ରଖିଥିବା କୃଷକଙ୍କ ମଧ୍ୟରୁ ପ୍ରବଳ ଥଣ୍ଡାରେ ୩୦ଜଣଙ୍କର ମୃତ୍ୟୁ ହେବାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ଆହ୍ୱାନ କ୍ରମେ ମୃତ କୃଷକଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ବାଲେଶ୍ୱର ସହରର ଫାଣ୍ଡିଛକଠାରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ନାରୀନେତ୍ରୀ ବନ୍ଦନା ବିଶ୍ୱାସ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହିତ କଳା କୃଷିଆଇନ୍‌ର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ।

▶▶ପୃଷ୍ଠା ୭

# ମହାନଦୀରେ ପ୍ରସ୍ତାବିତ ନଦୀ ଭିତ୍ତିକ ବନ୍ଦରର ଭିତ୍ତିଭୂମି ସମୀକ୍ଷା କଲେ ୫ଟି ସଚିବ



ପାରାଦୀପ,୨୦।୧୨ (ନି.ପ୍ର): ମହାନଦୀରେ ପ୍ରସ୍ତାବିତ ନଦୀ ଭିତ୍ତିକ ବନ୍ଦରର ଭିତ୍ତିଭୂମି ପରିଦର୍ଶନ କରିବାକୁ ଏକ ଉଚ୍ଚସ୍ତରୀୟ କମିଟି ରବିବାର ଦିନ ପାରାଦୀପ ଗସ୍ତରେ ଆସିଥିଲେ । ମୁଖ୍ୟ ଶାସନ ସଚୀବ ଅସିତ୍ ତ୍ରିପାଠୀ, ୫ଟି ସଚିବ ଭି.କେ.ପାଣ୍ଡିୟାନ, ବାଣିଜ୍ୟ ଓ ପରିବହନ ବିଭାଗର ସ୍ୱତନ୍ତ୍ର ସଚୀବ ମନୋଜ ମିଶ୍ର ପ୍ରସ୍ତାବିତ ସ୍ଥାନ ବୁଲି ଦେଖିବା ସହ କାର୍ଯ୍ୟାର ସମୀକ୍ଷା କରିଥିଲେ । ପାରାଦୀପ ବନ୍ଦର ମେରାଇନ୍ ବିଭାଗ ଲଂଚ୍ ରେ ବନ୍ଦର ଅଧକ୍ଷ ରିଙ୍କେଶ ରାୟ ଓ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । କେନ୍ଦ୍ର ସରକାରଙ୍କ ଜଳମାର୍ଗ ଓ ଜାହାଜ ଚଳାଚଳ ମନ୍ତ୍ରଣାଳୟ ରାଜ୍ୟ ସରକାରଙ୍କ ନଦୀ ଭିତ୍ତିକ ବନ୍ଦର ପ୍ରସ୍ତାବକୁ ମଂଜୁରୀ ଦେଇଛନ୍ତି ।

▶▶ପୃଷ୍ଠା ୭

# ଉଦଳାରେ ଧ୍ୱନି ପ୍ରତିଧ୍ୱନି ପାଠକ ମଞ୍ଚର ପଞ୍ଚଦଶତମ ବାର୍ଷିକ ଉତ୍ସବ ପାଳିତ




ଉଦଳା-୨୦/୧୨(ନି.ପ୍ର)- ଦୈନିକ ଖବର କାଗଜ 'ଧ୍ୱନି ପ୍ରତିଧ୍ୱନି'କୁ କେନ୍ଦ୍ର କରି ଉଦଳା ଠାରେ ଗଢ଼ି ଉଠିଥିବା ପାଠକ ମଞ୍ଚର ପଞ୍ଚଦଶତମ ବାର୍ଷିକ ଉତ୍ସବ ଆଜି ତଳିଆସ୍ଥିତ ସ୍ୱେଚ୍ଛାସେବୀ ସଂଗଠନ 'ଅନ୍ୱେଷଣ'ର ବୈଠକ ଗୃହ ପରିସରରେ ପାଳିତ ହୋଇ ଯାଇଅଛି । ଉକ୍ତ ଉତ୍ସବରେ ଆଲୋଚନାଚକ୍ର, କବିତା ପାଠୋତ୍ସବ ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ମହା ସମାରୋହରେ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ସାମାଜିକ କର୍ମୀର ମନୋରଂଜନ ମଲ୍ଲିକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ପରେ ସାମ୍ବାଦିକା ପ୍ରମିଳା ପଣ୍ଡାଙ୍କ ପୌରହିତ୍ୟରେ ଆଲୋଚନା ଚକ୍ର ଆରମ୍ଭ ହୋଇଥିଲା । ପ୍ରଥମେ ପାଠକ ମଞ୍ଚର ପ୍ରତିଷ୍ଠାତା ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ଉଦଳାକୁ ଗତ ୨୦୦୪ ମସିହାରୁ ଦୈନିକ ଖବରକାଗଜ 'ଧ୍ୱନି ପ୍ରତିଧ୍ୱନି'କୁ ଆଣିବା ଦିନଠାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ୧୭ ବର୍ଷ ବିଭିନ୍ନ ଘଟଣାବଳୀର ଇତିହାସ ବର୍ଣ୍ଣନା କରି ପାଠକ ମଞ୍ଚ କିପରି ସୃଷ୍ଟି ହେଲା ସେ ସମ୍ପର୍କରେ ଆଲୋକପାତ କରିଥିଲେ । ଏହାପରେ ଫକୀରମୋହନ ସାହିତ୍ୟ ପରିଷଦର ସମ୍ପାଦକ ଡ଼. କୁମାର ଗୋପାଳ ନିୟମିତ ଖବର କାଗଜ ପଠନ ମଣିଷକୁ କିପରି ଶୃଙ୍ଖଳିତ କରି ଗଢ଼ିତୋଳେ ବର୍ଣ୍ଣନା କରିବା ସହିତ ନିଜ ବାସ୍ତବ ଜୀବନରେ ଅନୁଭବ ବିସ୍ତୃତ ଭାବେ ବ୍ୟକ୍ତ କରିଥିଲେ । ଏହାପରେ ଧ୍ୱନି ପ୍ରତିଧ୍ୱନିର ପରିଚାଳକ ସୃଷ୍ଟିଧର ପରିଡ଼ା ନୂତନ ସାହିତ୍ୟିକ ମାନଙ୍କୁ ଲୋକ ଲୋଚନକୁ ଆଣିବା ଓ ସାହିତ୍ୟ ବଳୟ ସୃଷ୍ଟି କରିବାରେ ଧ୍ୱନି ପ୍ରତିଧ୍ୱନିର ଅବଦାନ ସଂକ୍ରାନ୍ତରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ ମୟୂରଭଞ୍ଜ ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା ବିନା ସାହିତ୍ୟରେ ସମ୍ବାଦ ସୃଷ୍ଟି ହୋଇ ପାରିବ ନାହିଁ ବୋଲି କହି କାର୍ଯ୍ୟକ୍ରମ ଆୟୋଜକ ମାନଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ ।

▶▶ପୃଷ୍ଠା ୭

# କୋଏଲ ନଦୀରେ ବୁଡିଗଲେ ୪ଛାତ୍ର : ୨ମୃତ ୧ନିଖୋଜ

ରାଉରକେଲା,୨୦।୧୨ (ନି.ପ୍ର): ରାଉରକେଲା ସହରର ୯ଜଣ ୧୦ମ ଶ୍ରଣୀ ଛାତ୍ର ଆଜି ଝିରିପାଣି ଜାମସେରା ଘାଟ ନିକଟକୁ ପିକନିକ ଲାଗି ଯାଇ ଗାଧୋଇବା ବେଳେ ପାଣିରେ ଖେଳୁ ଖେଳୁ ସେମାନଙ୍କ ଭିତରୁ ୪ଜଣ ପାଣିରେ ବୁଡିଜିବାରୁ ସେମାନଙ୍କ ଭିତରୁ ଜଣକୁ ରକ୍ଷା କରାଯାଇପାରିଥିବା ବେଳେ ୨ଜଣଙ୍କ ମୃତ ଦେହ ଉଦ୍ଧାରକରାଯାଇଛି ଓ ଜଣଙ୍କର କୌଣସି ପତା ମିଳିନାହିଁ ,ଏମାନେ ସମସ୍ତେ ରାଉରକେଲା ସହରର ଏକ ଘରୋଇ ଇଂରାଜୀ ମିଡିଅମ ବିଦ୍ୟାଳୟର ଛାତ୍ର । ଖବରରୁ ପ୍ରକାଶ ଯେ,ଆଜି ଦିନ ପ୍ରାୟ ୨ଟା ସମୟରେ ଜାମସେରା ଘାଟ ପାଖରେ ନଦୀର ପାଣି ଭିତରେ ୪ଜଣ ଛାତ୍ର ବୋତଲ ଫୋଡା ଫୋପଡି କରି ଖେଳୁଥିବା ବେଳେ ବୁଡିଯାଉଥିବା ଜଣେ ଚାତ୍ରଙ୍କୁ ସେଠାରେ ମାଛ ଧରୁଥିବା ଗ୍ରାମ ବାସୀ ଉଦ୍ଧାର କରିଥିଲେ। ତେବେ ଉଦ୍ଧାର ହୋଇଥିବା ଛାତ୍ର ଜଣକ ଯେଉଁ ଯାଗାରେ ଥିଲେ ତା ଠାରୁ ଆଗକୁ ଯାଇ ବୋତଲ ଟିକୁ ଧରିବାକୁ ଯାଉଥିବା ୩ଜଣ ଛାତ୍ର ପାଣି ଭିତରେ ନିଖୋଜ ହୋଇ ଯାଇଥିଲେ । ଗ୍ରାମ ବାସୀ ଆଖ ପାଖ ଲୋକ ଖୋଜା ଖୋଜି କରି ଶେଷରେ ଅଗ୍ନିସମ ବିଭାଗକୁ ଦିନ ୨.୩୦ରେ ଖବର ଦେବାରୁ ବିଭାଗର ରାଉରକେଲା ,ବିଶ୍ରା ଓ ନୁଆଗାଁର ୩ଟି ଟିମର ୨୦ କର୍ମଚାରୀ ସେଠାରେ ପହଁଚି ୩ଛାତ୍ରଙ୍କୁ ଖୋଜିଥିଲେ ।

# କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ରକ୍ତଦାନ ଶିବିର: ୧୨୦ ୟୁନିଟ ସଂଗ୍ରହ

କେନ୍ଦ୍ରାପଡା,୨୦।୧୨ (ନି.ପ୍ର): କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ଶନିବାର ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସମର୍ଥ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବାହ୍ନରେ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଗରାପୁର ରୋଡର ଏକ ମଣ୍ଡପରେ ଅନୁଷ୍ଠିତ ଏହି ଶିବିରରେ ୧୨୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ଡାକ୍ତର ବିରେନ୍ଦ୍ର ଦାସଙ୍କ ନେତୃତ୍ୱରେ ବ୍ଲଡବ୍ୟାଙ୍କ କର୍ମଚାରୀ ମାନେ ରକ୍ତ ସଂଗ୍ରହରେ ସହାୟତା କରିଥିଲେ । ବାରବାଟୀ ସାଇକ୍ଲିଷ୍ଟ ଆଣ୍ଡ ଆଡଭେନଚର କ୍ଲବର ୧୫ଜଣ ସଦସ୍ୟ ସାଇକେଲ ଚାଳନା କରି ଶିବିର ରେ ପହଁଚି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । କେନ୍ଦ୍ରାପଡା ଏସଡିପିଓ ରାଜୀବ ଲୋଚନ ପଣ୍ଡା, ସାମ୍ବାଦିକ ମାତୃଦତ ମହାନ୍ତି, ବିରେନ୍ଦ୍ର ଦାସ, ସନ୍ତୋଷ ପୋଥାଳ, ଜ୍ଞାନ ଦାସ, ରାଧାକାନ୍ତ ମହାନ୍ତି , ପ୍ରଶାନ୍ତ ନାୟକ, ଭଜମନ ସୁତାର, ନିର୍ମଳ ଭଦ୍ର, ସୁଶାନ୍ତ ନାୟକ ପ୍ରମୁଖ ଶିବିର ପରିଚାଳନା ରେ ସହାୟତା କରିଥିଲେ । ସମାଜସେବୀ ମୃଣାଳକାନ୍ତ ନାୟକଙ୍କୁ ଆରୋହମ୍ବେବା ସମ୍ମାନରେ ସମ୍ମାନିତ କରାଯାଇଥିଲା । ଶିବିର ପରିସର ରେ ବିଭୂତି ମହାନ୍ତି ଓ କ୍ଷିରୋଦିନୀ ନାୟକଙ୍କ ପକ୍ଷରୁ ଝୋଟିଚିତ୍ର ଅଙ୍କନ କରାଯାଇଥିଲା ।

# ଖଇରା ସାହିତ୍ୟ ସଂସଦର ଶୀତଆସର ଓ ରମେଶ ସାରଙ୍କୁ ଶ୍ରଦ୍ଧାଞ୍ଜଳି

ଖଇରା,୨୦।୧୨ (ନି.ପ୍ର): ଖଇରା ସାହିତ୍ୟ ସଂସଦର ଶୀତଆସର ଦୁର୍ଗା ମଣ୍ଡପ ପରିସରରେ ଅନିଷ୍ଠିତ ହୋଇଯାଇଛି । ଦିନ ଏଗାର ଘଟିକା ସମୟରେ ସଭାପତି ମାୟାଧର ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଖଇରା ବିବେକାନନ୍ଦ ଶିକ୍ଷାକେନ୍ଦ୍ରରୁ ପ୍ରତିଷ୍ଠାତା ରମେଶ ଚନ୍ଦ୍ର ସାହୁଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଶୀତଆସରରେ ଦିବଂଗତ ସାହୁଙ୍କ ଉପରେ ଶଶୀକାନ୍ତ ଦାସ ଏକ କବିତା ପାଠ କରି ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ । ମାୟାଧର ନାୟକ,ବୁଦ୍ଧିରାମ ପାଣିଗ୍ରାହୀ, ଅନନ୍ତ କିଶୋର ଉପାଧ୍ୟାୟ,ରମେଶ ଚନ୍ଦ୍ର ନାୟକ,କୌଳାସ ଚନ୍ଦ୍ର ପୁଷ୍ଟି,ସଂକୀର୍ତ୍ତନ ପଣ୍ଡା,ଚିନ୍ତା ମଣି ସାହାଣି,ଶଶୀକାନ୍ତ ଦାସ, ଦେବେନ୍ଦ୍ର କୁମାର ରାଉତ,ବସନ୍ତ କୁମାର ଦାସ,ନରେନ୍ଦ୍ର ପ୍ରସାଦ ବେହେରା,ଗଗନ ବିହାରି ପଣ୍ଡା, ରଘୁନାଥ ପତ୍ରୀ,ସାମ୍ବାଦିକ କୈଳାସ ଚନ୍ଦ୍ର ଦାସ, ପଣ୍ଡିତ କୃର୍ଷ୍ଣ ଚନ୍ଦ୍ର ପତ୍ରୀ,ଚିନ୍ତାମଣି ସେଠି,ପଦ୍ମଲାଭ ଶନି ବିଗ୍ରହ ପ୍ରମୁଖ ଉପସ୍ଥିତ ଥିଲେ । ସଭାପତି ଏକ କର୍ମଶାଳା ମାଧମରେ କିପରି ପ୍ରବନ୍ଧ ଓ କବିତା ଲେଖା ଯିବ ତା ଉପରେ ଆଲୋକ ପାତ କରିଥିଲେ । ଶେଷରେ ଶଶୀକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜଙ୍ଗଲରୁ ମୃତ ଦେହ ଉଦ୍ଧାର

ଖଇରା,୨୦।୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଡୁଙ୍ଗୁରା ପଞ୍ଚାୟତ ସିମୁଳିଆ ଥାନା କାଂଶବାଂଶ ନଦୀ କୂଳରେ ପଡିରହିଛି ଅଚିହ୍ନା ମୃତଦେହ ।ବାରାପୁର ବଜାର ପାଖରେ ଏକ ମୃତ ଦେହ ପଡିଥିବା ଦେଖିବାକୁ ମିଳିଛି ।ତାଙ୍କ ନିକଟରେ ଏକ ସାଇକେଲ ଥିବା ବେଳେ ଗାମୁଛା,ଜୋତା ଓ ପାଣି ମଗ ପଡି ରହିଛି । ମୃତକଙ୍କ ପରିଚୟ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ତାଙ୍କ ଘର ଶୁଣ୍ଠୀରା ପଞ୍ଚାୟତର ଖାଡିଗୋଛି ଗ୍ରାମରେ ତାଙ୍କର ବୟସ ୬୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି ।ତାଙ୍କର ନିଜସ୍ୱ ଘର ପୁରୀ ଜିଲ୍ଲା ସାକ୍ଷୀଗୋପାଳ ଅଞ୍ଚଳର । ସେ ଖାଡିଗୋଛି ଗ୍ରାମରେ ଶଶୁର ଘରେ ରହି ଆସୁଥିଲେ ।ତାଙ୍କ ଦେହରେ କୌଣସି କ୍ଷତିଚିହ୍ନ ନ ଥିଲା ବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ । ସେ ସବୁବେଳେ ମଦ୍ୟ ପାନ କରୁଥିବାରୁ ମଦ୍ୟପାନ କରି ମରିଥିବା ଅନୁମାନ କରାଯାଉଛି । ତାଙ୍କର ଗୋଟିଏ ପୁଅ ଥିବା ଜଣାପଡିଛି । ପରିବାର ବର୍ଗ ଶବ ଚିହ୍ନଟ ପରେ ଘରକୁ ନେଇ ଆସି ଶବ ସତ୍କାର କରିଛନ୍ତି । ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳର ଶୋକର ଛାୟା ଖେଳିଯାଇଛି ।

# ବିଜେପି ଖଡିଆଳ ନିର୍ବାଚନ ମଣ୍ଡଳୀ ପକ୍ଷରୁ ଥାନା ସମ୍ମୁଖରେ ଧାରଣା

ନୂଆପଡା,୨୦।୧୨ (ନି.ପ୍ର): ଖଡିଆଳ ନିର୍ବାଚନ ମଣ୍ଡଳୀ ଭାରତୀୟ ଜନତା ପାର୍ଟି ଏବଂ ମହିଳା ମୋର୍ଚ୍ଚା ପକ୍ଷରୁ ପରୀଙ୍କୁ ନ୍ୟାୟ ପ୍ରଦାନ ଦାବୀରେ ଖଡିଆଳ ଥାନା ଛକ ସମ୍ମୁଖରେ ଧାରଣା ଦିଆଯାଇଛି । ଏହି ଅବସରରେ ବିଜେପିର କର୍ମକର୍ତ୍ତା ଏକ ପଦଯାତ୍ରାରେ ଆସି ଥାନା ସମ୍ମୁଖରେ ଧାରଣା ଦେଇ ପରୀ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରି ମନ୍ତ୍ରୀ ଅରୁଣ ସାହୁ ପରୀ ହତ୍ୟା ଘଟଣାରେ ସମ୍ପୃକ୍ତି ଥିବା ନେଇ ଦାବୀ କରି ତାଙ୍କୁ ବରଖାସ୍ତ କରିବାକୁ ଦାବୀ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଅରୁଣ ସାହୁଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା । ଆଜିର ଏହି ଆନ୍ଦୋଳନରେ ଜିଲ୍ଲା ସଭାପତି ସୁବ୍ରତ ଠାକୁର, ପୂର୍ବତନ ଖଡିଆଳ ବିଧାୟକ ହିତେଶ ବଗର୍ତ୍ତି, ନିମାଇଁ ତାଣ୍ଡି, ଶିବ ପ୍ରସାଦ ମୁଣ୍ଡ, ଅତିନ୍ଦ୍ର ସିଂ ମଲ୍ଲିକ, ବିକାଶ ସିଂଘଲ, ପ୍ରଶାନ୍ତ ଦାଶ, ନରହରୀ ବନଛୋର, ଦେବ ଦେବ ସିଂଦେଓ, ଅଶୋକ ବାଗ, ଅଜୟ ସେବକ, ଉତ୍ତମ ଜଗତ, ସୁମିତ ବଛା, ପ୍ରତାପ ଜଗତ, ହରୀ ପ୍ରଧାନୀ, ବିଜୟ ମେହେର, ଅନଙ୍ଗ ଧରୁଆ, ରାତ୍ର ମନହିରା, ଅଜିତ ଚଲାନ, ଦେବେନ୍ଦ୍ର ନାଗ, ରଥି ମେହେର, ସୁଜନ ନାଗଙ୍କ ସମେତ ଶତାଧିକ ବିଜେଡି କର୍ମକର୍ତା ସାମିଲ ଥିଲେ ।

# କେନ୍ଦ୍ରାପଡା ଜିଲ୍ଲା ସାମ୍ବାଦିକ ୟୁନିୟନର ସାଧାରଣ ପରିଷଦ ବୈଠକ

କେନ୍ଦ୍ରାପଡ଼ା,୨୦।୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ସାମ୍ବାଦିକ ୟୁନିୟନର ସାଧାରଣ ପରିଷଦ ବୈଠକ ଗରାପୁରସ୍ଥିତ ଡାକବଙ୍ଗଳାରେ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି । ୟୁନିୟନ ସଭାପତି ପରେଶ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତନ ବିଧାୟକ ଚିନ୍ମୟ ବେହୁରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଚତୁର୍ଥ ସ୍ତମ୍ଭର ଭୂମିକା ଲିଭାଉଥିବା ଗଣମାଧ୍ୟମ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିବା ବେଳେ ପ୍ରାରମ୍ଭରେ ୟୁନିୟନ ସାଧାରଣ ସମ୍ପାଦକ ସ୍ନେହଜିତ ପଲାଇ ପୂର୍ବ ବୈଠକର ବିବରଣୀ ପ୍ରକାଶ କରିଥିଲେ । ପ୍ରକୃତ ସାମ୍ବାଦିକତା କରୁଥିବା ପ୍ରତିନିଧିମାନଙ୍କୁ ସଙ୍ଗରେ ସାମିଲ କରିବା ସହିତ ସକରାତ୍ମକ କାର୍ଯ୍ୟରେ ସାମ୍ବାଦିକ ମାନଙ୍କୁ ସହଯୋଗ କରିବାକୁ ପ୍ରସ୍ତାବ ଆସିଥିଲା । ସେହିପରି ବିଭିନ୍ନ ପ୍ରସଙ୍ଗରେ କର୍ମଶାଳା କରିବା, ଖରସ୍ରୋତା ନଦୀ ଜଳକୁ ସୁରକ୍ଷିତ ରଖିବା, ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦେବା ଇତ୍ୟାଦି ପ୍ରସ୍ତାବ ଦିଆଯାଇଥିଲା । ଏହି ବୈଠକରେ ଜାତୀୟ ପରିଷଦ ସଦସ୍ୟ ଆଶିଷ ସେନାପତି,ଜିଲ୍ଲା ଉପସଭାପତି ଅକ୍ଷୟ ସାହୁ,ରାଜ୍ୟ ପରିଷଦ ସଦସ୍ୟ ଜ୍ୟୋର୍ତିମୟ ଜେନା, କଲ୍ୟାଣ ପରିଷଦ ଅଧକ୍ଷ ବେବର୍ତ୍ତା ଅଜୟ ଦାସ, ସଂଗଠନ ସମ୍ପାଦକ ଧିରେନ ମିଶ୍ର, ପରାମର୍ଶ ଦାତା ସୋମନାଥ ସାହୁ, କେନ୍ଦ୍ରାପଡା ଆବାହକ ରବିନାରାୟଣ ପତି, ମହାକାଳପଡା ଆବାହକ ଅଶୋକ ସ୍ୱାଇଁ, ରାଜକନିକା ଆବାହନ ଶୁକାନ୍ତ ଦାଶ, କୋଷାଧକ୍ଷ ପ୍ରମୋଦ ପ୍ରଧାନ,ପ୍ରମୋଦ ପ୍ରତାପ, ସମରେନ୍ଦ୍ର ମାହାଳି, ସ୍ମାରକ ମହାନ୍ତି, ପ୍ରମୋଦ ଦାସ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । କିଡିନ୍ ରୋଗରେ ପିଡିତ ୟୁନିୟନ ସଦସ୍ୟ ସାମ୍ବାଦିକ ଭାବାନୀ ଶଙ୍କର ପଣ୍ଡାଙ୍କ ଚିକିତ୍ସା ନିମନ୍ତେ ଉପସ୍ଥିତ ସଦସ୍ୟମାନେ ୩ହଜାର ଟଙ୍କା ପ୍ରଦାନ କରିଥିଲେ । ଏହି ଆଗାମୀ ଦୁଇବର୍ଷ ପାଇଁ କର୍ମକର୍ତା ନିର୍ବାଚନ କରାଯାଇଥିଲା । ପୂର୍ବ କମିଟିକୁ ସର୍ବସମ୍ମତି କ୍ରମେ ପୁର୍ନବାର ମନୋନିତ କରିଥିଲେ । ପରେଶ ଚନ୍ଦ୍ର ଦାସ ସଭାପତି, ସ୍ନେହଜିତ ପଲାଇ ସାଧାରଣ ସମ୍ପାଦକ,ଅକ୍ଷୟ କୁମାର ସାହୁ ଓ ବସନ୍ତ ହାତୀ ଉପସଭାପତି, ଜଗନ୍ନାଥ ଦାସ ସହ ସମ୍ପାଦକ,ଧିରେନ କୁମାର ମିଶ୍ର ସଂଗଠନ ସମ୍ପାଦକ,ପ୍ରମୋଦ କୁମାର ପ୍ରଧାନ କୋଷାଧକ୍ଷ, ଆଶିଷ ସେନାପତି ଜାତୀୟ ପରିଷଦ ସଦସ୍ୟ, ଜ୍ୟୋତିର୍ମୟ ଜେନା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟଭାବେ ମନୋନିତ ହୋଇଥିଲେ । ଆସନ୍ତା ଜାନୁୟାରୀ ମାସ ୬ତାରିଖରେ ଓଳାଶୁଣୀଠାରେ ଅନୁଷ୍ଠିତ ବୈଠକରେ ବ୍ଲକ କର୍ମକର୍ତା ନିର୍ବାଚନ କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଥିଲା । ବିରଷ୍ଠ ସଦସ୍ୟ ଶ୍ରୀ ପତି ଧନ୍ୟବାଦ ଅର୍ପଣ କରିଥିଲେ ।

# ବାସୁଦେବପୁରରେ କୁରାଳ ପଂଚାମୀ ପାଳିତ

ଧର୍ମଶାଳା,୨୦।୧୨ (ନି.ପ୍ର): କୁମ୍ଭକାରମାନେ ବର୍ଷ ସାରା ବିଭିନ୍ନ ଜିନିଷ ନିର୍ମାଣରେ ବ୍ୟସ୍ତ ରହି ମଧ୍ୟ ପୂର୍ବପୁରୁଷରୁ ଚାଲିଆସୁଥିବା କୌଳିକ ପୂଜା କୁରାଳ ପଂଚମୀକୁ ଆଜି ବି ଭକ୍ତି ଓ ଅନନ୍ଦ ସହକାରେ ପାଳିତ କରି ଆସୁଛନ୍ତି । ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ମହାସମାରୋହରେ ପାଳିତ ହେଉଛି ଏହି ପୂଜା । ଏହି ନିର୍ବାଚନ ମଣ୍ଡଳୀ ଦେଓଦା ପଂଚାୟତ ବାସୁଦେବପୁରଠାରେ କରୋନା କଟକଣାକୁ ମାନି ନିରାଡମ୍ବରେ ପାଳିତ ହେଉଛି କୁରାଳ ପଂଚମୀ । ଭକ୍ତମାନେ କେଲୁଅ ନଦୀରୁ କଳସୀକୁ ପୂଜାର୍ଚ୍ଚନା କରି ଘଂଟ ହୂଳହୂଳିରେ ପୂଜାମଣ୍ଡପରେ ଅବସ୍ଥାନ କରିଥିଲେ । ରୀତିକାନ୍ତି ଅନୁଯାୟୀ ପଣ୍ଡିତମାନେ ପୂଜାର୍ଚ୍ଚନା ପରେ ଏହି ପୂଜା ମଣ୍ଡପରେ ଲକ୍ଷ୍ମୀନାରାୟଣ ପୂଜା ଆରମ୍ଭ ହୋଇଥିଲା । ଏହି ପୂଜା ୧ସପ୍ତାହ ଧରି ଚାଲିବ ବୋଲି ଆୟୋଜକ ପ୍ରକାଶ କରିଛନ୍ତି । ନାରାୟଣ ପଣ୍ଡିତ ପୂଜା କର୍ମରେ ସହଯୋଗ କରୁଥିବା ବେଳେ କର୍ତା ଚନ୍ଦନ ସାହୁ,ଉପକର୍ତା ବିଷ୍ଣୁ ଚରଣ ସାହୁଙ୍କ ସମେତ ଗ୍ରାମର ନରେନ୍ଦ୍ର ସାହୁ,ସରୋଜ ସାହୁ,ବାବାଜି ବେହେରା,ଜଗତା ସାହୁ,ବୀର କିଶୋର ସାହୁ, ମକରଧ୍ୱଜ, ଇନ୍ଦ୍ରମଣୀ ସାହୁ, ରବିନ୍ଦ୍ର ସାହୁ, ଧୋଇନ ସାହୁ ଓ ମାୟାଧର ସାହୁ ପ୍ରମୁଖ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସନ୍ଧ୍ୟାରେ ପୂଜାମଣ୍ଡପ ନିକଟରେ ଭକ୍ତଙ୍କ ସମାଗମ ହେଉଥିବା ଦେଖିବାକୁ ମିଳିଛି ।

# ମାଳିପୁର ବି.ଏନ.ଆର ପବ୍ଲିକ ସ୍କୁଲ ପ୍ରତିଷ୍ଠାତାଙ୍କୁ ଶ୍ରଦ୍ଧାଞ୍ଜଳି

ପଟ୍ଟାମୁଣ୍ଡାଇ ,୨୦।୧୨ (ନି.ପ୍ର): ପଟ୍ଟାମୁଣ୍ଡାଇ ଅଟଂଳର ବିଶିଷ୍ଟ ସମାଜସେବୀ ତଥା ମାଳିପୁର ବିଏନଆର ପବ୍ଲିକ ସ୍କୁଲ ପ୍ରତିଷ୍ଠାତା ଇଂ. ବିଭୂତି ଭୂଷଣ ପାତ୍ରଙ୍କ ଅକାଳ ବିୟୋଗରେ ସ୍କୁଲ ପରିସରରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି । କଳ୍ପତରୁ ଭୂୟାଁଙ୍କ ପୌରହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳୀ ସଭାରେ ସ୍କୁଲ ଉପଦେଷ୍ଟା ଶିକ୍ଷାବିତ ବଳଦେବ ପ୍ରସାଦ ନାୟକ, ଦୀନବନ୍ଧୁ ପଣ୍ଡା, ଅଧକ୍ଷ ସୌମ୍ୟରଞ୍ଜନ ପଣ୍ଡା, ଉପାଧକ୍ଷ ଧିରେନ୍ଦ୍ର ନାଥ ସାହୁ , ସଂପଦ ପାତ୍ର, ନରହରି ରାଉତ, ଅରୁଣ ରାଉତ, ଅଦୈତ ମଲିକ, ଗୀତାଞ୍ଜଳୀ ଆଚାର୍ଯ୍ୟ, ଲକ୍ଷ୍ମୀପ୍ରିୟା ରାଉତ, ଇତିଶ୍ରୀ ପ୍ରିୟଦର୍ଶନୀ ମହାନ୍ତି, ଅର୍ଚ୍ଚନା ନାୟକ, ରେଣୁବାଳା ନାୟକ, ମୌସୁମି ନାୟକ, ସୁଧାଧାରା ଦାଶ, ସ୍ନେହଁଲତା ନାୟକ ପ୍ରମୁଖ ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷାବିତ, ସ୍କୁଲ ଶିକ୍ଷକ/ଶିକ୍ଷୟତ୍ରୀ ଯୋଗ ଦେଇ ସ୍ୱର୍ଗତଃ ପାତ୍ରଙ୍କ ଅଟଂଳର ବିକାଶ ପାଇଁ ଅବଦାନ ଓ ସ୍କୁଲ ପ୍ରତିଷ୍ଠା କ୍ଷେତ୍ରରେ ଭୂମିକା ସଂପର୍କରେ ଆଲୋକପାତ କରି ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ପ୍ରାରମ୍ଭରେ ସ୍ୱର୍ଗତଃ ପାତ୍ରଙ୍କ ଅମରଆତ୍ମାର ସଦଗତି ପାଇଁ ୨ମି. ନୀରବ ପ୍ରାର୍ଥନା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସନ୍ତୋଷ ବେହେରା, ମଞ୍ଜୁଲତା ବାରିକ, ସୁମିତ୍ରା ନାୟକ, ବାପି ରଞ୍ଜନ ଜେନା ଓ ରାଜକିଶୋର ମଲିକ ପ୍ରମୁଖ ପରିଚାଳନା କରିଥିଲେ ।

# ଧାମରା ପୋର୍ଟକୁ ମିଳିଲା ଗୋଲଡେନ ପିକକ୍ ପୁରସ୍କାର

ଭଦ୍ରକ,୨୦।୧୨ (ନି.ପ୍ର): ଜୈବ ବିବିଧତା ସଂରକ୍ଷଣ, ପରିବେଶ ଓ ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଧାମରା ପୋର୍ଟ କମ୍ପାନୀ ଲିମିଟେଡକୁ ପରିବେଶ ପରିଚାଳନା ବର୍ଗରେ ସମ୍ମାନଜନକ ଗୋଲଡେନ ପିକକ୍ ପୁରସ୍କାର ପ୍ରଦାନ କରାଯାଇଛି । ୧୯୯୧ ରୁ ଇନଷ୍ଟିଚ୍ୟୁଟ୍ ଅଫ୍ ଡାଇରେକ୍ଟର୍ସ ଦ୍ୱାରା ପ୍ରଦାନ କରାଯାଉଥିବା ଗୋଲଡେନ ପିକକ୍ ପୁରସ୍କାର ବର୍ତ୍ତମାନ ବିଶ୍ୱବ୍ୟାପୀ କର୍ପୋରେଟ ଉତ୍କର୍ଷର ମାନଦଣ୍ଡ ଭାବରେ ପରିଗଣିତ ହେଉଛି । ପରିବେଶ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୨୯ବର୍ଷ ଧରି ଏହି ପୁରସ୍କାର ପ୍ରଦାନ କରାଯାଉଛି । ପ୍ରତିବର୍ଷ ବିଭିନ୍ନ ପୁରସ୍କାର ପାଇଁ ୧୦୦୦ରୁ ଅଧିକ ଆବେଦନ ଆସିଥାଏ । ସରକାରୀ, ବେସରକାରୀ, ଅଣ-ଲାଭ, ବ୍ୟବସାୟ, ଉତ୍ପାଦନ ଓ ସେବା କ୍ଷେତ୍ରର ସମସ୍ତ ଅନୁଷ୍ଠାନ ଏଥିରେ ଅଂଶଗ୍ରହଣ କରିଥିଲେ । ଆୟୋଜକ ଏକ ବିଶେଷଜ୍ଞ ମୂଲ୍ୟାୟନ କମିଟି ଗଠନ କରି ଆବେଦନଗୁଡିକର ମୂଲ୍ୟାୟନ କରିଥିଲେ । ପ୍ରତି ଆବେଦନ ସ୍ୱାଧୀନ ଭାବେ ମୂଲ୍ୟାୟନକାରୀଙ୍କ ଦ୍ୱାରା ସମୀକ୍ଷା କରାଯାଇଥାଏ ଏବଂ ଆବଶ୍ୟକ ମୌଳିକ ସମୀକ୍ଷା ପରେ ପରବର୍ତ୍ତ ସ୍ତର ପାଇଁ ସର୍ଟଲିଷ୍ଟ ହୁଅନ୍ତି । ୧୦୦୦ମାର୍କର ମୋଟ ସ୍କୋର କାର୍ଡ ପାଇଁ ଆବେଦନଗୁଡିକର ସମ୍ପୂର୍ଣ୍ଣ ପାରାମିଟର ସେଟ୍ ଉପରେ ମୂଲ୍ୟାୟନ କରାଯାଏ, ଯାହାର କଟ୍ ଅଫ୍ ରହିଛି ୮୦ ପ୍ରତିଶତ । ଖଣ୍ଡପୀଠର ବିଚାର ପାଇଁ ଶୀର୍ଷରେ ଥିବା ଆବେଦନଗୁଡିକୁ ସୁପାରିଶ କରାଯାଏ । ସଂକ୍ଷିପ୍ତ ତାଲିକାଭୁକ୍ତ କମ୍ପାନୀଗୁଡିକ ଜୁରୀ ସଦସ୍ୟଙ୍କ ନିକଟରେ ଉପସ୍ଥିତ ହୋଇ କିଛି ପ୍ରଶ୍ନର ଉ ର ଦେବାକୁ ପଡିଥାଏ । ପରିଶେଷରେ ସର୍ବୋତମ ପରିବେଶ ପରିଚାଳନା କରିଥିବା କମ୍ପାନୀ ହିଁ ଗୋଲଡେନ ପିକକ୍ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥାନ୍ତି ।

# ବିରୋଧୀ ଦଳ କୃଷକଙ୍କୁ ଭ୍ରମିତ କରୁଛି - ବିଜେପି

ଭଦ୍ରକ,୨୦।୧୨ (ନି.ପ୍ର): କେନ୍ଦ୍ରର କୃଷି ଆଇନ କୃଷକଙ୍କ ହିତରେ ପାରିତ ହୋଇଛି । କିନ୍ତୁ ବିରୋଧୀ ଦଳ କୃଷକଙ୍କୁ ଭ୍ରମିତ କରୁଛି ବୋଲି ବିଜେପିର ରାଜ୍ୟ ପ୍ରବକ୍ତା ଗୋଲକ ମହାପାତ୍ର ଭଦ୍ରକରେ ଏକ ସମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ନୂଆ କୃଷି ଆଇନ କାର୍ଯ୍ୟକାରୀ ହେଲେ ଚାଷୀ ତାର ଉତ୍ପାଦିତ ସାମଗ୍ରୀର ଅଧିକ ମୂଲ୍ୟ ପାଇବ ଓ ଚାଷ କ୍ଷେତ୍ରରେ ବିପୁଳ ପୁଂଜି ନିବେଶର ସୁଯୋଗ ସୃଷ୍ଟି ହେବ ବୋଲି ଶ୍ରୀ ମହାପାତ୍ର କହିଥିଲେ । ସେହିଭଳି ରାଜ୍ୟର ପରୀ ହତ୍ୟାକାଣ୍ଡ ମାମଲାରେ ମନ୍ତ୍ରୀ ଅରୁଣ ସାହୁଙ୍କ ଇସ୍ତଫା ଦାବିରେ ବିଜେପି ଅଟଳ ରହିଛି । ମନ୍ତ୍ରୀଙ୍କ ଇସ୍ତଫା ସହିତ ଏହାର ସିବିଆଇ ତଦନ୍ତ ପାଇଁ ରାଜ୍ୟ ସରକାର ସୁପାରିଶ କରନ୍ତୁ ବୋଲି ଶ୍ରୀ ମହାପାତ୍ର କହିଥିଲେ । ରାଜ୍ୟରେ ବହୁସଂଖ୍ୟକ ନାବାଳିକା, ଶିଶୁ ନିଖୋଜ ରହିବା ପଛରେ 'ଅଙ୍ଗ ତସ୍କରୀ' ହିଁ କାରଣ ହୋଇଥାଇପାରେ ବୋଲି ବିଜେପି ପ୍ରବକ୍ତା କହିଥିଲେ । ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ସମ୍ପର୍କରେ ଶ୍ରୀ ମହାପାତ୍ର କହିଥିଲେ ଯେ: ମେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭଦ୍ରକରେ ମେଡିକାଲ କଲେଜ ସ୍ଥାପନ ଲାଗି କେନ୍ଦ୍ର ସରକାରଙ୍କୁ ଚିଠି ଲେଖିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଫେବୃଆରୀ ମାସରୁ ଚିଠି ଲେଖି ଅନୁରୋଧ କରିଛନ୍ତି । କିନ୍ତୁ ରାଜ୍ୟ ସରକାର ଏ ଦିଗରେ କିଛି ଚିନ୍ତା ହିଁ କରୁନାହାଂତି ବୋଲି ଶ୍ରୀ ମହପାାତ୍ର କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲା ସଭାପତି ହେମନ୍ତ ପାଢୀ, ନିର୍ବାଚନମଣ୍ଡଳୀ ନେତା ଡାକ୍ତର ପ୍ରଦିପ ନାୟକ, ବଦ୍ରି ନାରାୟଣ ଧଳ, ଉଦୟ ନାରାୟଣ ମଲ୍ଲିକ, ସିମୁଳିଆର ନେତା କୈଳାସ ବାରିକ, ଯୁବନେତା ଶଶୀକାନ୍ତ ବିଶ୍ୱାଳ, କମଳା ସୂତାର, ଶ୍ରୀହର୍ଷ ସ୍ୱାଇଁ, ବିକାଶ ଶ୍ରେଷ୍ଠା ପ୍ରମୁଖ ଉପସ୍ଥିତ ଥିଲେ ।

# ବଳଦେବ ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ

କେନ୍ଦ୍ରାପଡା,୨୦।୧୨ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଭଗେଶ୍ୱରପୁର ଠାରେ ଥିବା ପୁରାତନ ହାଇସ୍କୁଲ ବଳଦେବ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ମାନଙ୍କର ମୋ ସ୍କୁଲ ଅଭିଯାନ ସଭା ଅନୁଷ୍ଠିତ ହୋଇଯାଇଛି । ସଭାପତି ଅଜୟ କୁମାର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ନାୟକ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ଉକ୍ତ ସଭାରେ ଧ୍ରୁବଚରଣ ଜେନା, ଧିରେନ କୁମାର ସାହୁ, ହରେକୃଷ୍ଣ ବରାଳ, ଦିବାକର ଜେନା, ରବି ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସଭା ଶେଷରେ ସଂଯୋଜକ ନୃସିଂହ ଚରଣ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଯୋଗାଣ ନିଗମ ଉପରେ ୭ କୋଟି ୬୨ ଲକ୍ଷ ଟଙ୍କାର ଧାନ ଟିକସ ବାକି

ଭଦ୍ରକ,୨୦।୧୨ (ନି.ପ୍ର): ଭଦ୍ରକ ଜିଲ୍ଲାରେ ଯୋଗାଣ ନିଗମ ଉପରେ ଦୁଇଗୋଟି ଆରଏମସିଙ୍କର ୭ କୋଟି ୬୨ ଲକ୍ଷ ଟଙ୍କାର ଧାନ ଟିକସ ବାକି ପଡିଛି । ଏଥିରେ କେବଳ ଭଦ୍ରକ ଆରଏମସିଙ୍କର ୬ କୋଟି ୬୩ ଲକ୍ଷ ୯୨ ହଜାର ଟଙ୍କା ବାକି ପଡିଥିବା ବେଳେ ଚାନ୍ଦବାଲି ଆରଏମସିଙ୍କର ୯୯ ଲକ୍ଷ ଟଙ୍କା ବାକି ପଡିଛି । ଗତ ୨୦୧୯-୨୦ କୃଷିବର୍ଷ ଧାନ କିଣାରେ ଏହି ଅର୍ଥ ବାକି ପଡିଛି । ଗତବର୍ଷ ଉଭୟ ଆରଏମସିଙ୍କ ଜରିଆରେ ଯୋଗାଣ ନିଗମ ମୋଟ ୨୧ ଲକ୍ଷ ୨୬ ହଜାର ୯୯୩ କ୍ୱିଂଟାଲ ଧାନ ସଂଗ୍ରହ କରିଥିବା ବେଳେ ସେଥିରୁ କେବଳ ଭଦ୍ରକ ଆରଏମସି ଜରିଆରେ ୧୮ ଲକ୍ଷ ୨୮ ହଜାର ୯୯୩ କ୍ୱିଂଟାଲ ଧାନ ସଂଗ୍ରହ କରାଯାଇଥିବା ବେଳେ ଚାନ୍ଦବାଲି ଆରଏମସିଙ୍କ ଜରିଆରେ ୨ ଲକ୍ଷ ୯୮ ହଜାର କ୍ୱିଂଟାଲ ଧାନ ସଂଗ୍ରହ କରାଯାଇଛି । ସରକାରୀ ନିୟମ ଅନୁଯାଇ କ୍ରେତାଙ୍କୁ ଏଥିସକାସେ ୨ ପ୍ରତିଶତ ମାର୍କେଟ ଫି ଆରଏମସିଙ୍କୁ ଭରଣା କରିବାକୁ ପଡିଥାଏ । ଯାହାକି ଯୋଗାଣ ନିଗମ ଧାନ ସଂଗ୍ରହ ପରେ ଆରଏମସିଙ୍କୁ ଦେଇଥାଏ । ତେବେ ଗତବର୍ଷର ଧାନ ସଂଗ୍ରହ ସରି ଚଳିତ ବର୍ଷର ଧାନ ସଂଗ୍ରହ ଆରମ୍ଭ ହେବାକୁ ବସିଥିଲେ ମଧ୍ୟ ଯୋଗାଣ ନିଗମ ଏଯାଏ ପୂର୍ବ ବର୍ଷ ଧାନ କିଣା ଟିକସ ଅର୍ଥ ପୈଠ ନକରିବା ଘଟଣା ଏବେ ଆରଏମସି ଗୁଡିକ ପାଇଁ ଚିନ୍ତାର କାରଣ ହୋଇଛି । କାରଣ କୋଭିଡ ଯୋଗୁ ଗତ ପ୍ରାୟ ୮ ମାସ ଧରି ଆରଏମସି ଗୁଡିକର ଟିକସ ଆଦାୟ ଗୁରୁତର ଭାବେ ପ୍ରଭାବିତ ହେବା ଯୋଗୁ ସେମାନଙ୍କ ଆର୍ଥିକ ଅବସ୍ଥା ଶୋଚନୀୟ ହୋଇ ପଡିଛି । ଏପରିସ୍ଥଳେ ଚଳିତ ବର୍ଷ ଧାନ କିଣା ପୂର୍ବରୁ ମଣ୍ଡିଗୁଡିକର ଉନ୍ନତିକରଣ ଏବଂ ସେମାନଙ୍କୁ ଆବଶ୍ୟକ ଧାନକିଣା ସରଞ୍ଜାମ ଯୋଗାଇ ଦେବାକୁ ବିପୁଳ ଅର୍ଥର ଆବଶ୍ୟକତା ରହିଥିବା ବେଳେ ଯୋଗାଣ ନିଗମ ଉପରେ ଆରଏମସି ଗୁଡିକର କୋଟି କୋଟି ଟଙ୍କା ଧାନ ଟିକସ ବାକି ପରିସ୍ଥିତିକୁ ଜଟିଳ କରିଥିବା ଜଣାପଡିଛି । ଏହି ଟଙ୍କା ରିଲିଜ କରିବା ସକାସେ ଆରଏମସଗୁଡିକ ପକ୍ଷରୁ ରାଜ୍ୟ ଯୋଗାଣନିଗମଙ୍କୁ ବାରମ୍ବାର ଚିଠି ଲେଖା ଯାଉଥିଲେ ମଧ୍ୟ ଅଦ୍ୟାବଧି ଏହି ଅର୍ଥ ରିଲିଜ କରାଯାଇନଥିବା କଥା ଉଭୟ ଆରଏମସିର ସଂପାଦକ କହିଛନ୍ତି । ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଦାବୀ ହେଉଛି ।

# ଖଡିଆଳରେ ଗୁରୁ ଘାସିଦାସଙ୍କ ୨୬୪ ତମ ଜନ୍ମଜୟନ୍ତୀ

ନୂଆପଡା,୨୦।୧୨ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ଠାରେ ସନ୍ଥ ଶିରୋମଣୀ ବାବା ଗୁରୁ ଘାସିଦାସଙ୍କ ୨୬୪ ତମ ଜନ୍ମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି । ସନ୍ଧ୍ୟା ସମୟରେ ସତନାମ ସମାଜର ଶତାଧିକ ମହିଳା ଏବଂ ପୁରୁଷ ଏକତ୍ରିତ ହୋଇ ଏକ ଶୋଭାଯାତ୍ରରେ ଖଡିଆଳ ନଗର ପରିକ୍ରମା କରିଥିଲେ । ଏଥିରେ ଗୁରୁ ଘାସିଦାସଙ୍କ ସ୍ମୃତିସ୍ତମ୍ଭ ଏକ ସୁସଜ୍ଜିତ ରଥରେ ନଗର ପରିକ୍ରମା କରିଥିଲା । ଏହି ଅବସରରେ ମହିଳା ମାନେ କଳସ ଶୋଭାଯାତ୍ରା ଏବଂ ପୁରୁଷ ମାନେ ବିଭିନ୍ନ ପାରମ୍ପାରିକ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପ୍ରଦର୍ଶନ କରି ନଗର ପରିକ୍ରମା କରିଥିଲେ । ପରେ ଅନୁଷ୍ଠିତ ବାବା ଗୁରୁ ଘାସିଦାସ ଜୟନ୍ତୀରେ ଲକ୍ଷ୍ମୀଚନ୍ଦ୍ର କୋଣଲେ, ଓମ ପ୍ରକାଶ ମନହରେ, ଧରମ ସେରଓ୍ୱାନୀ, ନବୀନ ଚନ୍ଦ୍ର, ମୋହନ ନାରଙ୍ଗ, ହେମନ୍ତ ମନହରେ, କାଳକା ପ୍ରସାଦ ଭାରତୀ, ପିଲାଦାଉ ବଞ୍ଜାରେ, ନିମାଇଁ ଚରଣ ତାଣ୍ଡି ପ୍ରମୁଖ ଯୋଗଦାନ କରିଥିଲେ । ଏହି ସଭାରେ ଓଡିଶା ପ୍ରଦେଶ ସତନାମ ସମାଜର ସଭାପତି ଜ୍ୟୋତିଲାଲ ବଞ୍ଜାରେ ଅଧ୍ୟକ୍ଷତା କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଧରମ ସିଂ ସୋନଓ୍ୱାନୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ସତନାମୀ ସମାଜର ଶତାଧିକ ସଂଖ୍ୟକ କର୍ମକର୍ତ୍ତା ଯୋଗଦାନ କରିଥିଲେ ।

# ଜୁଆ ଆଡ୍ଡା ଉପରେ ଚଢ଼ଉ: ୧୨ ଜୁଆଡ଼ି ଗିରଫ

ରାଉରକେଲା,୨୦।୧୨ (ନି.ପ୍ର): ହୋଟେଲରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ରାଉରକେଲା ପ୍ଲାଂଟ ସାଇଡ୍ ପୋଲିସ ଗତକାଲି ରାତିରେ ଚଢ଼ଉ କରିଛି । ଚଢ଼ଉ ବେଳେ ଘଟଣାସ୍ଥଳରୁ ୧୨ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି ପୋଲିସ । ସେମାନଙ୍କ ନିକଟରୁ ୧୨ ଲକ୍ଷ ୨୭ ହଜାର ୫ ଶହ ଟଙ୍କା, ୧୫ଟି ମୋବାଇଲ୍ ଫୋନ୍ ଜବତ ହୋଇଛି । ଏଥିସହ ଦୁଇଟି କାର୍ ଓ ୪ଟି ବାଇକ୍ କୁ ମଧ ପୋଲିସ ଜବତ କରିଛି । ପୋଲିସ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରାଯିବା ସହ ଅଭିଯୁକ୍ତ ମାନଙ୍କୁ ଆଜି କୋର୍ଟଚାଲାଣ କରାଯାଇଛି ।

# ପଟ୍ଟାମୁଣ୍ଡାଇ କଲେଜ ଅଧକ୍ଷଙ୍କୁ ସମ୍ବର୍ଦ୍ଧନା

ପଟ୍ଟାମୁଣ୍ଡାଇ ,୨୦।୧୨ (ନି.ପ୍ର): ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶଙ୍କୁ ବିଶ୍ୱବିଦ୍ୟାଳୟର ମହାବିଦ୍ୟାଳୟ ଉନ୍ନୟନ ସମିତି ସଦସ୍ୟ ଭାବେ ମନୋନୀତ କରାଯାଇଥିବାରୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯଇଛି । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ମହାବିଦ୍ୟାଳୟ ପ୍ରମୁଖ ଅଜିତ ସାହୁଙ୍କ ନେତୃତ୍ୱରେ ମହାବିଦ୍ୟାଳୟର ଛାତ୍ର ସ୍ମୃତିରଞ୍ଜନ ଗିରି, ଶୁଭଦୀପ ମଣ୍ଡଳ, ରୋହିତ ମଲିକ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ଅଧକ୍ଷ ଶ୍ରୀଦାଶଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସଂପ୍ରତି ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ଜଣେ ଅଧକ୍ଷ ପ୍ରଥମ ଥର ଏପରି ପଦବୀକୁ ମନୋନୀତ ହୋଇଥିବାରୁ ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ ପାଇଁ ଗର୍ବ ଓ ଗୌରବ ବିଷୟ ହୋଇଛି । ଅଧକ୍ଷ ଶ୍ରୀଦାଶଙ୍କ ତତ୍ତ୍ୱାବଧାନରେ ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ବିକାଶ ଆଗେଇ ଚାଲି ଥିବାରୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଖୁସି ବ୍ୟକ୍ତ କରିଛି । ଏହି ସମ୍ବର୍ଦ୍ଧନା ପର୍ବରେ ସ୍ୱୟଂ ସେବକ ସଂଘ କେନ୍ଦ୍ରାପଡା ଜିଲ୍ଲା ସହକାର୍ଯ୍ୟବାହ ବିନୋଦ ବିହାରୀ ଦାସ, ଜିଲ୍ଲା ପ୍ରଚାର ପ୍ରମୁଖ ସୁଧାଂଶୁ ତ୍ରିପାଠୀ, ପଚାଂନନ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ ।

# ରାସ୍ତାଘାଟ ସମସ୍ୟାକୁ ନେଇ ପିଠାବଟା ଫରେଷ୍ଟ ଫାଟକକୁ ବନ୍ଦ କଲେ ଲୁଲୁଙ୍ଗ ଗ୍ରାମବାସୀ

ବାରିପଦା,୨୦।୧୨ (ନି.ପ୍ର): ଶିମିଳିପାଳ ଅଭୟାରଣ୍ୟର ବଫର ଏରିଆ ମଧରେ ଥିବା ଲୁଲୁଙ୍ଗ ଗ୍ରାମବାସୀମାନେ ଆଜି ଶମିଳିପାଳ ଅଭୟାରଣ୍ୟର ପ୍ରବେଶ ପଥ ପିଠାବଟା ଫାଟକ ନିକଟରୁ ଲୁଲୁଙ୍ଗ ପର୍ଯ୍ୟନ୍ତ ରାସ୍ତାର ସମ୍ପ୍ରସାରଣ ସହିତ ସ୍ଥାୟୀ ପିଚୁ ରାସ୍ତା ନିର୍ମାଣ, ରାସ୍ତାରେ ଥିବା ଭଙ୍ଗା ପୋଲ ବଦଳରେ ସ୍ଥାୟୀ ପୋଲ ନିର୍ମାଣ ଓ ଜଙ୍ଗଲ ଭିତରକୁ ଯିବା ନିମନ୍ତେ ସ୍ଥାୟୀ ରାସ୍ତା ନିର୍ମାଣ ଆଦି ମୁଖ୍ୟତଃ ୩ ଦଫା ଦାବି ନେଇ ପିଠାବଟା ମୁଖ୍ୟ ପ୍ରବେଶ ପଥକୁ ଆଜି ସକାଳ ୬ରୁ ୮ ପର୍ଯ୍ୟନ୍ତ ଦୁଇ ଘଂଟା ଧରି ଅବରୋଧ କରିଥିଲେ । ଫଳରେ ଫାଟକ ଦେଇ ଶିମିଳିପାଳ ଅଭୟାରଣ୍ୟ ବୁଲିବା ନିମନ୍ତେ ଆସିଥିବା ପର୍ଯ୍ୟଟକମାନେ ଭିତରକୁ ପ୍ରବେଶ କରି ନ ପାରି ଫାଟକ ନିକଟରେ ଅଟକି ରହିଥିଲେ । ଖବରପାଇ ବାରିପଦା ସଦର ଏସଡ଼ିପିଓ ଯଦୁନାଥ ଜେନା , ଶାମାଖୁଣ୍ଟା ତହସିଲଦାର ରାଧାରଞ୍ଜନ ଦାସ, ବାରିପଦା ସଦର ଆଇଆଇସି ପ୍ରେମଦା ନାୟକ ପ୍ରମୁଖ ପହଂଚି ଆନ୍ଦୋଳନକାରୀମାନଙ୍କ ସହିତ ଆଲୋଚନା କରି ଆସନ୍ତା ୭ ଦିନ ମଧରେ ରାସ୍ତା ଓ ପୋଲର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବାର ନିର୍ଭର ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା ଓ ଫାଟକ ନିକଟରେ ଅଟକି ରହିଥିବା ପର୍ଯ୍ୟଟକମାନେ ଶିମିଳିପାଳ ଭିତରକୁ ପ୍ରବେଶ କରିଥିଲେ । ଆନ୍ଦୋଳନକାରୀ ସସ୍ମୀତା ଦେହୁରୀଙ୍କ ଅଭିଯୋଗ ଆଧାରରେ, ଲୁଲୁଙ୍ଗ ଗ୍ରାମକୁ ଭଲ ରାସ୍ତାଟିଏ ନ ଥିବାରୁ ଗ୍ରାମର ବୁଢ଼ା ବୁଢ଼ିମାନଙ୍କର ଯିବା ଆସିବାରେ ଅସୁବିଧା ହେଉଛି । ସେହିପରି ଗ୍ରାମକୁ ଆମ୍ବୁଲାନ୍ସ ପ୍ରବେଶ କରି ପାରୁ ନାହିଁ । ହଠାତ୍ କୌଣସି ବ୍ୟକ୍ତି ଅସୁସ୍ଥ ହେଲେ ଅଥବା ଗର୍ଭବତୀ ମହିଳାଙ୍କୁ ହସପିଟାଲ ନେବା ପାଇଁ ହେଲେ ଖଟିଆରେ ଫାଟକ ନିକଟକୁ ଆଣିବାକୁ ପଡୁଛି । ପୁଣି ବିଳମ୍ବିତ ରାତିରେ କୌଣସି ସୁବିଧା ଅସୁବିଧା ହେଲେ ଫାଟକରେ ତାଲା ପଡୁଥିବାରୁ ଗ୍ରାମବାସୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରଶାସନକୁ ବାରମ୍ବାର ଜଣାଇବା ପରେ ମଧ କୌଣସି ସୁଫଳ ନ ମିଳିବାରୁ ଆଜି ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହୋଇଂଛୁ । ଯଦି ପ୍ରଶାସନିକ ଅଧିକାରୀମାନେ ଦେଇଥିବା ପ୍ରତିଶ୍ରୁତି ୭ ଦିନ ଭିତରେ ରକ୍ଷା ନ କରନ୍ତି, ତେବେ ପୁଣି ଥରେ ଆନ୍ଦୋଳନ ଆରମ୍ଭ କରିବୁ ବୋଲି ଶ୍ରଦ୍ଧତୀ ଦେହୁରୀ ପ୍ରକାଶ କରିଛନ୍ତି । ବାରିପଦା ସଦର ଏସଡ଼ିପିଓ ଶ୍ରୀଜେନାଙ୍କ କହିବା ଅନୁସାରେ ଆନ୍ଦୋଳନକାରୀମାନେ ସେମାନଙ୍କ ଦାବିଗୁଡ଼ିକକୁ ନେଇ ପ୍ରଶାସନକୁ ପୂର୍ବରୁ ଜଣାଇଥିଲେ । ମାତ୍ର ପ୍ରଶାସନକୁ ଅଧିକ ସମୟ ନ ଦେଇ ଆଜି ଆନ୍ଦୋଳନରେ ବସିଥିଲେ । ପ୍ରଶାସନର ପ୍ରତିଶ୍ରୁତି ପରେ ସେମାନେ ଆନ୍ଦୋଳନରୁ ଓହରି ଯାଇଛନ୍ତି । ଆମେ ଆନ୍ଦୋଳନକାରୀମାନଙ୍କର ୩ଟି ଦାବି ଜିଲ୍ଲାପାଳଙ୍କୁ ଜଣାଇବୁ । ଏହି ସମୟରେ ଆନ୍ଦୋଳନକାରୀମାନେ ୭ ଦିନ ମଧରେ କାର୍ଯ୍ୟ ଆରମ୍ଭ କରାଇବା ପାଇଁ ପ୍ରଶାସନକୁ ସମୟ ଦେଇଥିବାର ବାରିପଦା ସଦର ଏସଡ଼ିପିଓ ଶ୍ରୀଜେନା କହିଛନ୍ତି । ଆଜିର ଏହି ଆନ୍ଦୋଳନରେ ସ୍ଥାନୀୟ ସରପଂଚ ଲାଲମୋହନ ସିଂ, ବିଲକାନ ସିଂ, ରଜନୀ ମହାନ୍ତ, ଦୀପକ ସିଂ, କୁନା ସିଂ, ଲକ୍ଷ୍ମୀ ମହାନ୍ତ, ମିଟୁ ମହାନ୍ତ, ବୁଧୁନୀ ସିଂ, ରଇବାରୀ ମହାନ୍ତ ଓ ସସ୍ମୀତା ଦେହୁରୀ ପ୍ରମୁଖ ୧୫୦ରୁ ଅଧିକ ଲୁଲୁଙ୍ଗ ଗ୍ରାମର ମହିଳା ଓ ପୁରୁଷ ସାମିଲ ହୋଇଥିଲେ ।


# ବାହାଘର ଫୁଲ

ବିବାହ ଜୀବନର ଏକ ମହତ୍ତ୍ୱପୂର୍ଣ୍ଣ ମୁହୂର୍ତ୍ତ । ଏହାକୁ ସ୍ମରଣୀୟ ରଖିବା ପାଇଁ ପ୍ରାୟ ପ୍ରତ୍ୟେକ ବ୍ୟକ୍ତି ଚାହିଁଥା'ନ୍ତି । ବିଭିନ୍ନ ସାଜସଜ୍ଜା ହିଁ ଉତ୍ସବରେ ମୁଖ୍ୟ ଆକର୍ଷଣ ପାଲଟିଥାଏ । ତେବେ ସାଜସଜ୍ଜାର ଏକ ପ୍ରମୁଖ ଆବଶ୍ୟକତା ହେଉଛି ବିଭିନ୍ନ କିସମର ଫୁଲ । ଏବେ ଜାଣନ୍ତୁ ଏମିତି କିଛି ବିଶେଷ ୱେଡିଙ୍ଗ୍ ଫ୍ଲାୱାର୍ ବା ବାହାଘର ଫୁଲ ସମ୍ବନ୍ଧରେ ।



## କାଲା ଲିଲି

'କାଲା ଲିଲି' ଏକ ପ୍ରସିଦ୍ଧ ୱେଡିଙ୍ଗ୍ ଫ୍ଲାୱାର୍ । ଏହାକୁ ବିଶେଷ କରି ବିବାହ ଉତ୍ସବରେ ବ୍ୟବହାର କରାଯାଇଥାଏ । ହଳଦିଆ, ବାଇଗଣି, ଗୋଲାପି, ନାରଙ୍ଗୀ ଓ ଧଳା ବର୍ଣ୍ଣର କାଲା ଲିଲି ରହିଛି । ଏହି ଫୁଲର ଆକାର ତୂରୀ ଭଳି ହୋଇଥାଏ । ଏହାକୁ ମୁଖ୍ୟ ରୂପରେ ଘରର ସାଜସଜ୍ଜା ଓ ଫୁଲତୋଡାରେ ସଜେଇ ଉପହାର ଦିଆଯିବା ଲାଗି ବ୍ୟବହାର କରାଯାଏ । ଏହାର ମୂଲ୍ୟ ସାଧାରଣ ମୂଲ୍ୟଠାରୁ ଅଧିକ ରହିଥାଏ, ତେବେ ବି ଏହି ନିର୍ଦ୍ଦିଷ୍ଟ ପ୍ରକାରର ଫୁଲ ବଜାରରେ ଉପଲବ୍ଧ ରହିଥାଏ ।



## ପିଓନି

ଏକ ନିର୍ଦ୍ଦିଷ୍ଟ ଧରଣର ସୁଗନ୍ଧିତ ଓ ଉଜ୍ଜ୍ୱଳ ପୁଷ୍ପ ମୁଖ୍ୟତଃ ୟୁରୋପ, ଏସିଆ ଓ ଉତ୍ତର ଆମେରିକାରେ ଦେଖିବାକୁ ମିଳିଥାଏ । ଏହି ବିଶେଷ ଫୁଲର ବ୍ୟବହାର ବିବାହ ଭଳି ଶୁଭ କାର୍ଯ୍ୟରେ କରାଯାଇଥାଏ । କୁହାଯାଏ ଏହାର ବ୍ୟବହାର ଦ୍ୱାରା ବୈବାହିକ ଜୀବନ ସୁଖମୟ ହୋଇଥାଏ ଏବଂ ସୁଖ ଓ ସମୃଦ୍ଧି ବୃଦ୍ଧି ପାଇଥାଏ । ଏହା ବ୍ୟତୀତ ଗୃହର ସାଜସଜ୍ଜା ଓ ଉପହାର ସ୍ୱରୂପ ମଧ୍ୟ ଏହାକୁ ପ୍ରଦାନ କରାଯାଇଥାଏ । ବଜାରରେ ହଳଦିଆ, ଲାଲ୍ ଓ ଧଳା ରଙ୍ଗର ପିଓନିର ବେଶ୍ ଚାହିଦା ରହିଛି ।



## ଗୋଲାପ

ବିଶ୍ୱର ପ୍ରାୟ ସବୁ ସ୍ଥାନରେ ବିଭିନ୍ନ ପ୍ରଜାତିର ଗୋଲାପ ଦେଖିବାକୁ ମିଳିଥାଏ । କୌଣସି ସାଜସଜ୍ଜା ହେଉ ବା କାହାକୁ ଉପହାର ଦେବା ନିମନ୍ତେ ହେଉ ଗୋଲାପର ବହୁଳ ବ୍ୟବହାର କରାଯାଏ । ବିଭିନ୍ନ ରଙ୍ଗର ଗୋଲାପ ପୃଥକକ କାର୍ଯ୍ୟ ପାଇଁ ବ୍ୟବହାର କରାଯାଏ । ଯେମିତିକି ପ୍ରେମ ପାଇଁ ଲାଲ୍ ଗୋଲାପ ଦିଆଯାଉଥିବା ବେଳେ ବନ୍ଧୁତା ପାଇଁ ହଳଦିଆ ଗୋଲାପ ପ୍ରଦାନ କରାଯାଇଥାଏ । ଏହି ଫୁଲ ନିଜସ୍ୱ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ବର୍ଷର ସବୁ ସମୟରେ ଗୋଲାପ ବଜାରରେ ଉପଲବ୍ଧ ହୋଇଥାଏ । ଏହାର ଚାହିଦା ମଧ୍ୟ ଅଧିକ ।

## ହାଇଡ୍ରାନ୍‌ଜିଆ

ଫୁଲର ଅନନ୍ୟ ସୌନ୍ଦର୍ଯ୍ୟ ଓ ଏହାର ସୁଗନ୍ଧିତ ବାସ୍ନା ସର୍ବଦା ଆକର୍ଷଣୀୟ ହୋଇଥାଏ । ବ୍ରାଇଡ୍‌କୁ ଫୁଲତୋଡା ଦିଆଯିବା ବେଳେ ବିଶେଷକରି ଏହି ଫୁଲର ବ୍ୟବହାର କରାଯାଇଥାଏ । ସବୁଜ, ନୀଳ, ଗୋଲାପି ଓ ଧଳା ସହିତ ଅନ୍ୟ ରଙ୍ଗର ହାଇଡ୍ରାନ୍‌ଜିଆ ମଧ୍ୟ ଦେଖିବାକୁ ମିଳିଥାଏ । ଏହା ମହଙ୍ଗା ହୋଇଥିଲେ ମଧ୍ୟ ବିବାହ ସମାରୋହର ସାଜସଜ୍ଜାରେ ଏହାର ବ୍ୟବହାର କରାଯାଏ । ଏହା ସାଧାରଣତଃ ଏସିଆ ଓ ଆମେରିକାର ବିଭିନ୍ନ ଅଞ୍ଚଳରେ ଫୁଟିଥାଏ ।



## ରାନନ୍‌କୁଲସ୍

ଏହା ଏକ ଦୁର୍ଲଭ ପ୍ରଜାତିର ଫୁଲ । ଏହା ପ୍ରତିବର୍ଷ ମାର୍ଚ୍ଚରୁ ଜୁନ୍ ମାସ ମଧ୍ୟରେ ଫୁଟିଥାଏ । ଏହାକୁ ସାଧାରଣତଃ ବିବାହ ସମାରୋହର ସାଜସଜ୍ଜାରେ ବ୍ୟବହାର କରାଯାଏ । ହଳଦିଆ, ଆପ୍ରିକଟ୍, ନାରଙ୍ଗୀ ଓ ଧଳା ରଙ୍ଗର ରାନନ୍‌କୁଲସ୍ ଉତ୍ସବକୁ ଆହୁରି ରଙ୍ଗୀନ୍ କରିବା ସହିତ ଏକ ରାଜକୀୟ ଲୁକ୍ ଦେଇଥାଏ । କାହାକୁ ଉପହାର ଦେବା ପାଇଁ ହେଲେ ଏହି ଫୁଲରେ ତିଆରି ତୋଡାଟିଏ ନିଶ୍ଚୟ ନିଅନ୍ତୁ ।





## ଗାର୍ଡେନିଆ

ନିଜର ସୁଗନ୍ଧିତ ବାସ୍ନା ଯୋଗୁ ସର୍ବାଧିକ ବିବାହ ଉତ୍ସବରେ ବ୍ୟବହୃତ ହେଉଥିବା ଆକର୍ଷଣୀୟ ଫୁଲ ମଧ୍ୟରୁ ଅନ୍ୟତମ ହେଉଛି ଗାର୍ଡେନିଆ । ଏହାକୁ ଖୁସି ଓ ପବିତ୍ରତାର ପ୍ରତୀକ ଭାବେ ଗ୍ରହଣ କରାଯାଏ । ଏହାକୁ ତୋଡା ଆକାରରେ ହେଉ ବା ବିବାହ ଉତ୍ସବର ସାଜସଜ୍ଜାରେ ବ୍ୟବହାର କରାଯାଇଥାଏ । ଏହି ଫୁଲ ଅଷ୍ଟ୍ରେଲିଆ, ଆଫ୍ରିକା ଏବଂ ଏସିଆର ବିଭିନ୍ନ ଅଞ୍ଚଳରେ ଦେଖିବାକୁ ମିଳିଥାଏ ।

## ଟ୍ୟୁଲିପ୍

ହଳଦିଆ, ଲାଲ୍, ବାଇଗଣି, ମାକେଣ୍ଟା ଓ ଧଳା ପରି ପ୍ରାୟ ୭୫ ଭିନ୍ନ ଭିନ୍ନ ପ୍ରକାଜିତର ଟ୍ୟୁଲିପ୍ ଦେଖିବାକୁ ମିଳିଥାଏ । ଏହାକୁ ଜୀବନରେ ପ୍ରେମର ପ୍ରତୀକ ବୋଲି କୁହାଯାଏ । ଏହା ଟିକେ ମହଙ୍ଗା ହୋଇଥିଲେ ମଧ୍ୟ ଫୁଲ ବଜାରରେ ଏହା ଉପଲବ୍ଧ ହୋଇଥାଏ ।



## ଲିଲି ଅଫ୍ ଦ ଭ୍ୟାଲି

ଏହି ଫୁଲ ଦେଖିବାକୁ ବେଶ୍ ଛୋଟ କିନ୍ତୁ ଏହାର ସୁମଧୁର ମହକ ଅନେକ ପୁଷ୍ପପ୍ରେମୀଙ୍କୁ ଆକର୍ଷିତ କିରଥାଏ । ଏହା ମୁଖ୍ୟ ରୂପରେ ଏସିଆ ଓ ୟୁରୋପରେ ବଢିଥାଏ । କେତେକ ସ୍ଥାନରେ ଏହା ବିବାହ ଉତ୍ସବର ସାଜସଜ୍ଜା ଓ ଗୁଲ୍‌ଦସ୍ତାରେ ବ୍ୟବହାର କରାଯାଉଥିବା ବେଳେ କେତେକ ସ୍ଥାନରେ ଏହାକୁ ଜୀବନରେ ସୁଖ ଓ ସମୃଦ୍ଧିର ପ୍ରତୀକ ଭାବେ ଧରାଯାଇଥାଏ ।

## ସ୍ୱିଟ୍ ପି

ଖୁବ୍ ସୁଗନ୍ଧିତ ହେଇଥିବାରୁ ବିବାହ ଓ ଅନ୍ୟାନ୍ୟ ଉତ୍ସବ ଆଦିରେ ସ୍ୱିଟ୍ ପି ଫୁଲର ବେଶ୍ ଚାହିଦା ରହିଛି । ଫୁଲର ମହକ ଉତ୍ସବକୁ ଆହୁରି ମୁଖରିତ କରିଥାଏ । ଏହି ଫୁଲର ବିଭିନ୍ନ ବର୍ଣ୍ଣ ଯଥା କୋରାଲ୍ ପିଙ୍କ୍, ବାଇଗଣି ଓ ଧଳା ଏହାର ସୌନ୍ଦର୍ଯ୍ୟକୁ ଦୁଇଗୁଣା କରିଥାଏ । ଯଦି ଆପଣ ବିବାହ ବା ଅନ୍ୟ କୌଣସି ଉତ୍ସବରେ ଉପହାର ଦେବାକୁ ଚାହୁଛନ୍ତି ତେବେ ଏହି ଫୁଲରେ ତିଆରି ସୁନ୍ଦର ଫୁଲତୋଡାଟିଏ ଦିଅନ୍ତୁ । ଏହାକୁ ଖୁସିର ପ୍ରତୀକ ଭାବେ ଗ୍ରହଣ କରାଯାଏ । ଏହାର ଚମକପ୍ରଦ ସୁଗନ୍ଧ ଯୋଗୁ ଏହାକୁ ଅତର ତିଆରି କରିବାରେ ମଧ୍ୟ ବ୍ୟବହାର କରାଯାଏ ।



## ଷ୍ଟେଫାନୋଟିସ୍


କୌଣସି ବିବାହ କାର୍ଯ୍ୟରେ ଯୋଗ ଦେବାକୁ ଯାଉଥିଲେ ଷ୍ଟେଫାନୋଟିସ୍ ଫୁଲରେ ତିଆରି ସୁନ୍ଦର ଫୁଲତୋଡା ହାତରେ ନେଇ ଯାଆନ୍ତୁ । ବିବାହ ଉତ୍ସବରେ ଏହା ବ୍ୟାପକ ଭାବେ ବ୍ୟବହୃତ ହୁଏ । ଏହାକୁ 'ମେଡାଗାସ୍କର ଜସ୍ମିନ୍' ମଧ୍ୟ କୁହାଯାଏ ।



ଏହାକୁ ସୁଖମୟ ବୈବାହିକ ଜୀବନର ପ୍ରତୀକ ଭାବେ ଗ୍ରହଣ କରାଯାଇଥାଏ । ଅଷ୍ଟ୍ରେଲିଆ, ଆଫ୍ରିକା ଏବଂ ମାଡାଗାସ୍କରର ବିଭିନ୍ନ ସ୍ଥାନରେ ଏହି ଫୁଲ ଫୁଟୁଥିବାର ଦେଖିବାକୁ ମିଳିଥାଏ । ବର୍ଷର ବିଭିନ୍ନ ସମୟରେ ବଜାରରେ ଏହି ଫୁଲ ଉପଲବ୍ଧ ହୋଇଥାଏ ।



# ଅଶରୀରୀଙ୍କ ବାସସ୍ଥଳୀ 'ସିଗ୍‌ନେଚର୍ ଫାର୍ମ'




ଗୁଜରାଟ୍‌ର ଅହମ୍ମଦାବାଦସ୍ଥିତ 'ସିଗ୍‌ନେଚର୍ ଫାର୍ମ' ବାବଦରେ ପାଖଆଖର ଲୋକ ଭଲଭାବେ ଅବଗତ । କିଛି ବର୍ଷ ତଳେ ନିର୍ମିତ ହୋଇଥିବା ଏହି ଫାର୍ମରେ ଦିନବେଳା ଜନଗହଳି ଦେଖାଦିଏ । ସନ୍ଧ୍ୟା ପୂର୍ବରୁ କିନ୍ତୁ ସ୍ଥାନଟି ଜନଶୂନ୍ୟ ହୋଇଯାଏ । ସ୍ଥାନୀୟ ଲୋକଙ୍କ ମତରେ ଶରୀରୀଙ୍କ ଏଇ ବାସସ୍ଥଳୀଠାରୁ ଦୂରେଇ ରହିବା ଭଲ । ସେହି ଅଞ୍ଚଳକୁ ଦେଖିଲେ ମଧ୍ୟ କୌଣସି ଅସୁବିଧା ଥିବାର ଅନୁମାନ କରିହୁଏ । ଘରଗୁଡିକ ଭାଙ୍ଗିରୁଜି ଯାଇଥିବାବେଳେ ପ୍ରତିମୂର୍ତ୍ତି ଗୁଡିକ ମଧ୍ୟ ଭଗ୍ନ ଅବସ୍ଥାରେ ରହିଛି । କେହି ଲୋକ ସେସବୁ ଭାଙ୍ଗି ନଥିବାବେଳେ ଏହା ପଛର କାରଣ ଜଣାପଡିନାହିଁ । ନିକଟସ୍ଥ ସହରର ଲୋକଙ୍କ ମତରେ, ରାତିବେଳା ସେହି ସିଗ୍‌ନେଚର୍ ଫାର୍ମ ପାଖ ଦେଇ ଗଲାବେଳେ ଖୁବ୍ ଭୟ ଲାଗେ । ଆର୍ତ୍ତଚିତ୍କାର ସହ ଘୋଡାଙ୍କ ଦୌଡିବା ଶବ୍ଦ ଫାର୍ମ ଭିତରୁ ଆସେ । ଏହା ଉପରେ ଅଧିକ ବିଶ୍ଳେଷଣ ନିମନ୍ତେ ସ୍ଥାନୀୟ ଲୋକଙ୍କର କୌଣସି ଆଗ୍ରହ ନାହିଁ ।

# କ୍ଷତିକାରକ ମୋବାଇଲ ରଶ୍ମି



ଆଜିକାଲି ବିନା ମୋବାଇଲ ଫୋନ୍ ଦ୍ୱାରା କାମ ହୋଇପାରେ ନାହିଁ । ସବୁବେଳେ ମୋବାଇଲ ଫୋନ୍ କାନରେ ରହିଥାଏ । କିନ୍ତୁ ଆପଣ ଜାଣିଛନ୍ତି କି ଆପଣଙ୍କ ସ୍ମାର୍ଟଫୋନ୍‌ରୁ ବାହାରୁଥିବା ରେଡିଓ ତରଙ୍ଗ ଆପଣଙ୍କ ପାଇଁ କେତେ ହାନିକାରକ । କେତେ ଜଣ କୁହନ୍ତି ରେଡିଏସନ୍ ଦ୍ୱାରା ଟ୍ୟୁମର ହୋଇପାରିବ । ଏପର୍ଯ୍ୟନ୍ତ ବୈଜ୍ଞାନିକମାନେ ଏହାର ସଠିକ୍ ତଥ୍ୟ ପାଇପାରିନାହାଁନ୍ତି । ମୋବାଇଲ ଅଧିକ ବ୍ୟବହାର ଦ୍ୱାରା କ୍ୟାନ୍‌ସର ହେବାର ସମ୍ଭାବନା ରହିଛି । ମାଇକ୍ରୋୱେଭ ଏକ୍ସ ଓ ଅଲ୍‌ଟ୍ରାଭାଉଲେଟ୍ କିରଣ ତୁଳନାରେ କମ୍ ଶକ୍ତିଶାଳୀ । ଅନ୍ୟଟି ଏକ୍ସରେ ଓ ପରାବୋଗନି କିରଣ ଆମର ଡିଏନ୍‌ରେ ମଜବୁତ୍ ରାସାୟନିକ ବନ୍ଧକୁ ଭାଙ୍ଗିବାର କ୍ଷମତା ରଖେ । ଆମେରିକାର କ୍ୟାନସର ସୋସାଇଟ୍ ଏହ କିରଣକୁ ପ୍ରକୃତି ସହ ଅନୁସନ୍ଧାନ କରିଛି । ମୋବାଇଲ ଫୋନ୍ ରୁ ବାହାରୁଥିବା ସୂକ୍ଷ୍ମ ତରଙ୍ଗରେ ଏତେ ଶକ୍ତି ନାହିଁ କି ଆମର ଡିଏନ୍‌କୁ ଅଲଗା କରିଦେବ କିନ୍ତୁ ଏହା ମାନେ ନୁହେଁ ଯେ ମୋବାଇଲରୁ ବାହାରୁଥିବା କିରଣ ଆମ ପାଇଁ ସୁରକ୍ଷିତ । ଏପର୍ଯ୍ୟନ୍ତ ଏହା ଠିକ୍ ଭାବେ ଜଣା ପଡିନାହିଁ କି ମୋବାଇଲରୁ ବାହାରୁଥିବା ବିକିରଣ ଦ୍ୱାରା କ୍ୟାନ୍‌ସର ରୋଗ ହୋଇପାରିବ । ବହୁତ ଲୋକ ଫୋନ୍ କିଣିବା ସମୟରେ ଏହି ସବୁ ଜିନିଷ ପ୍ରତି ଧ୍ୟାନ ଦିଅନ୍ତି ନାହିଁ । ଫୋନ୍‌ର ଫିଚର ଦେଖି କିଣନ୍ତି । ଜର୍ମାନର ଫେଡେରଲ ଆଫିସ୍ ଫାଁର ଡେଟା ପ୍ରୋଟେକ୍‌ସନ୍ ଏଥର ଏକ ସୂଚୀ ତିଆରି କରିଛି । ଏହି ସୂଚୀରେ ସ୍ମାର୍ଟଫୋନ୍‌ରେ ବାହାରୁଥିବା ଏଡିସନ୍ ତଥ୍ୟ ଦିଆଯାଇଛି । ସବୁଠୁ ବହୁତ ବିକିରଣ ୱାନ ପ୍ଲସ୍, ହୁୱାଇ ଓ ନୋକିଆ ଫୋନ୍ । ମୋବାଇଲ୍ ଏଡିସନ୍‌କୁ ନେଇ ଏପର୍ଯ୍ୟନ୍ତ କିଛି ବି ତଥ୍ୟ ଓ ନୀତି ନିୟମି ବାହାରି ନାହିଁ ।

# ମସ୍ତିଷ୍କ ବିକାଶ ନିମନ୍ତେ ପରିବାରର ଆବଶ୍ୟକତା



ଫାଷ୍ଟଫୁଡ୍, ଜଙ୍କ୍ ଫୁଡ୍ ଓ ପ୍ୟାକେଟ୍ ଖାଦ୍ୟର ବିକ୍ରି ଏବେ ବହୁତ ପରିମାଣରେ ବଢି ଚାଲିଛି । ପିଲାଠାରୁ ବୟସ୍କ ସମସ୍ତଙ୍କର ଏସବୁ ଖାଦ୍ୟ ପ୍ରିୟ । ନିକଟରେ ଗବେଷକଦଳ ପ୍ରକାଶ କରିଛନ୍ତି ଯେ ଯଦି ପିଲାମାନେ ଏହି ପାଟି ସୁଆଦିଆ ଖାଦ୍ୟ ଲୋଭରେ ପନିପରିବା ଓ ଫଳମୂଳ ଖାଇନାହାନ୍ତି, ତାହା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ଖୁବ୍ ହାନିକାରକ । ୮-୨୪ ବର୍ଷ ବୟସର ୧୫୦୦ ଜଣଙ୍କୁ ସାମିଲ କରାଯାଇ ଗବେଷଣା ଆରମ୍ଭ ହୋଇଥିଲା । ଆମ ଶରୀରରେ ଲୌହର ପରିମାଣ କମ୍ ରହିଲେ, ତାହାର ସବୁଠୁ ଅଧିକ କୁ-ପ୍ରଭାବ ମସ୍ତିଷ୍କ ଉପରେ ପଡେ । ମସ୍ତଷ୍କରେ ଥିବା କୋଷିକାଗୁଡିକ କାମ କରିବା ନିମନ୍ତେ ଲୌହର ଆବଶ୍ୟକତା ଅଧିକ । ପିଲାଏ ପନିପରିବା ପ୍ରସ୍ତୁତ ବ୍ୟଞ୍ଜନ ଖାଇବାକୁ ରାଜି ନ ହେଲେ ମଧ୍ୟ ସେମାନଙ୍କୁ ବୁଝାଇସୁଝାଇ ଖୁଆନ୍ତୁ । ପାଳଙ୍ଗ, ସବୁଜ ମଟର, ବିନ୍ସ, ବ୍ରୋକୋଲି, ବିଭିନ୍ନ ପ୍ରକାରର ଡାଲି ନିଜ ଡାଏଟ୍ ତାଲିକାରେ ସାମିଲ କରନ୍ତୁ । ଲୌହର ଅଭାବ ହେଲେ ପିଲାଙ୍କ ଶରୀରରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଦିଏ । ଯେପରି : ଥକା ଲାଗିବା, ମୁଣ୍ଡ ବିନ୍ଧିବା ଇତ୍ୟାଦି । ଛୋଟ ପିଲାଙ୍କୁ ପ୍ରତ୍ୟହ ୮ ମିଲିଗ୍ରାମ୍ ଲୌହର ଆବଶ୍ୟକତା ହେଉଥିବାବେଳେ କିଶୋରଙ୍କୁ ୧୧ମିଲିଗ୍ରାମ୍ ଲୌହର ଆବଶ୍ୟକତା ପଡୁଥିବାର ବିଶେଷଜ୍ଞଙ୍କ ମତ ।

# ଅଲିଭ୍ ତେଲର ଉପକାରିତା



ବିଦେଶୀ ରାଇଜରେ ରୋଷଶାଳାରେ ଅଲିଭ ତେଲର ସ୍ଥାନ ବେଶ୍ ସ୍ୱତନ୍ତ୍ର । ଏକ ସୁସ୍ଥ ଜୀବନଶୈଳୀ ନିମନ୍ତେ ଏଇ ତେଲ ମୁଖ୍ୟ ବୋଲି ସେମାନଙ୍କ ଧାରଣା । ଖାଦ୍ୟ ବିଶେଷଜ୍ଞ ମତରେ ବିଭିନ୍ନ ପ୍ରକାର ତେଲରେ ଭିନ୍ନଭିନ୍ନ ପୋଷକତତ୍ତ୍ୱ ମହଜୁଦ ଥାଏ । ସେହିପରି ଅଲିଭି ତେଲର ମଧ୍ୟ ଅନେକ ଉପକାରିତା ଅଛି ।
ବିଶେଷକରି ବିଭିନ୍ନ ସାଲାଡରେ ସାମାନ୍ୟ ଅଲିଭ ତେଲ ମିଶାଇ ଖାଇଲେ ତାହା ସାଲାଡର ପୋଷକତତ୍ତ୍ୱ ବୃଦ୍ଧି କରିଥାଏ । ରକ୍ତଚାପ ରୋଗୀ ହୃଦରେରାଗୀ ଏଇ ତେଲରେ ରନ୍ଧା ଖାଦ୍ୟ ଖାଇବା ସେମାନଙ୍କ ସ୍ୱାସ୍ଥ୍ୟକୁ ଭଲ ରଖିଥାଏ ବୋଲି ବିଶେଷଜ୍ଞଙ୍କ ମତ ।



ପ୍ରଚୁର ପରିମାଣ ଆଣ୍ଟିଅକ୍ସିଡାଣ୍ଟ ମହଜୁଦ୍ ଥିବା ଅଲିଭ ତେଲ ରନ୍ଧା ଖାଇଲେ କର୍କଟରୋଗ ହେବାର ଆଶଙ୍କା କମ୍ ହୋଇଥାଏ ବୋଲି ଅନୁସନ୍ଧାନରୁ ପ୍ରମାଣିତ ହୋଇଛି । ଭିଟାମିନ୍ କେ ଓ ଇ ଭରପୂର ଥିବା ଅଲିଭ ତେଲ ଖାଇଲେ ହାଡ଼ ଓ ଗଣ୍ଠିକୁ ଶକ୍ତି ମିଳିଥାଏ ବୋଲି ଗବେଷକଙ୍କ ମତ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଅପରାଧୀକ କାର୍ଯ୍ୟକ୍ରମ...

କିଛିଦିନ ଧରି ଦେଶର ବିଭିନ୍ନ ସ୍ଥାନରେ ଅପରାଧିକ କାର୍ଯ୍ୟକଳାପରେ ବୃଦ୍ଧି ଘଟିବା ଚିନ୍ତାର କାରଣ ହେଉଛି। ରାଜଧାନୀ ନୂଆଦିଲ୍ଲୀ ଓ ଅର୍ଥନୈତିକ ରାଜଧାନୀ କୁହାଯାଉଥିବା ମୁମ୍ବାଇ ଏବଂ ଅନ୍ୟତ ଫୌଜଦାରୀ ଅପରାଧ ବଢୁଥିବା ପରିଲକ୍ଷିତ ହେଉଛି। କୁହାଯାଇପାରେ କରୋନା ସଂକ୍ରମଣଜନିତ ଜଟିଳ ସ୍ଥିତି ମଧ୍ୟରେ ସୁଦ୍ଧା ଅପରାଧୀମାନେ ସେମାନଙ୍କର କଳା କାରନାମାରୁ ନିବୃତ୍ତ ହୋଇନଥିବା ସମସ୍ତଙ୍କୁ ଚକିତ କରୁଛି। କେଉଁଠି ଏଟିଏମ ଲୁଟି, କେଉଁଠି ଡକାୟତି ଆଉ ଛିନ୍ତାଇ କରି ଅପରାଧୀମାନେ ଉଦଣ୍ଡ ହୋଇଉଠିଛନ୍ତି। ସମାଜରେ ସୁରକ୍ଷା ଦେବାକୁ ରହିଥିବା ପୁଲିସ ବ୍ୟବସ୍ଥାରେ ଯାହାକିଛି ଦୁର୍ବଳତା ରହିଯାଇଛି ତାହାର ଭରପୂର ଫାଇଦା ଉଠାଇବାକୁ ଭୁଲିଯାଉନାହାଁନ୍ତି ସମାଜବିରୋଧୀ ତତ୍ତ୍ୱମାନେ। କରୋନା ସଙ୍କ୍ରମଣ ପାଇଁ ସମସ୍ତେ ଅବ୍ୟବସ୍ଥିତ ହୋଇ ରହିଛନ୍ତି। ନିରାପତ୍ତା ପାଇଁ ସଦା ଚିନ୍ତିତ ବ୍ୟକ୍ତି ତଥା ପରିବାର ପାଇଁ ଚୋରି, ଡକାୟତି, ଅପହରଣ ଓ ହତ୍ୟା ଭଳି ଅପରାଧ ଅତି ବଡ଼ ଅଭିଶାପ ହୋଇ ଦେଖାଦେଇଚି। ଅନ୍ୟ କେଉଁ ରାଜ୍ୟ କଥା ବିଚାର କରାଯିବାର କ୍ଷେତ୍ର ଅଲଗା। ଆମ ରାଜ୍ୟରେ କେଇ ମାସ ହେଲା ଅପରାଧିକ କାର୍ଯ୍ୟ ବୃଦ୍ଧି ପାଇବା ସମସ୍ତଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇପଡ଼ିଲାଣି। ନୟାଗଡ଼ ଜିଲ୍ଲାର ଯଦୁପୁର ଗ୍ରାମରେ ପରୀ ନାମ୍ନୀ ଛୋଟ ପିଲାକୁ ଦୁଷ୍କୃତିକାରୀ ଅପହରଣ କରିନେବା ପରେ ଦୁଷ୍କର୍ମ କରି ହତ୍ୟା କରିଥିବା ଘଟଣା ରାଜ୍ୟବ୍ୟାପୀ ଚହଳ ପକାଇ ଦେଇଛି। ପରୀ ନିଖୋଜ ରହିବା ଘଟଣା ନେଇ ପୁଲିସ ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇ କିଛି ପ୍ରତିକାର ନପାଇବାରୁ ତା'ର ବାପା ଓ ମା' ରାଜଧାନୀ ଯାଇ ବିଧାନସଭା ଆଗରେ ଆତ୍ମହତ୍ୟା ଉଦ୍ୟମ କରିବା ପରେ ପ୍ରଶାସନର ନିଦ ଭାଙ୍ଗିଲା। ମାମଲା ନେଇ ନୟାଗଡ଼ ପୁଲିସର ଢ଼ିଲାମି ଅଭିଯୋଗ ଆଧାରରେ ଥାନା ଆଇଆଇସିଙ୍କୁ ନିଲମ୍ବିତ କରାଯିବା ଓ ଡିଏସପି କନ୍ଧମାଳ ବଦଳି କରାଯିବା ଭଳି ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେଲା। ଯଦୁପୁର ଗ୍ରାମର ଏକ ପୋଖରୀ ପାଖରୁ ନଗ୍ନ ଅବସ୍ଥାରେ ପରୀର ଗଳିତ ଦେହ ମିଳିବା ଘଟଣା ତମାମ୍ ପ୍ରକରଣକୁ ଅଧିକ ରହସ୍ୟମୟ କରିଦେବାରୁ ଏବଂ ରାଜନୈତିକ ଚାପ ବଢ଼ିବାରୁ କ୍ରାଇମବ୍ରାଂଚ ଏସ୍‌ଆଇଟି ଟିମକୁ ଖୋଳତାଡ଼ ପାଇଁ ଦାୟିତ୍ୱ ଦିଆଗଲା। ସୁନାମ ଥିବା ଦକ୍ଷ ଅଧିକାରୀ ଅରୁଣ ବୋଥ୍ରାଙ୍କ ନେତୃତ୍ୱରେ ତନାଘନା ଅନୁସନ୍ଧାନ ପ୍ରକ୍ରିୟାରେ ବହୁ ବ୍ୟକ୍ତିଙ୍କୁ ଜେରା ସହ ତଥ୍ୟ ସଗ୍ରଂହ କରାଗଲା। ଏସ୍‌ଆଇଟି ଏହା ମଧ୍ୟରେ ନ୍ୟାୟାଳୟରେ ଜଉମୁଦ ଲଫାଫାରେ ରିପୋର୍ଟ ଦାଖଲ କରିଛନ୍ତି। ସୂଚନା ମିଳିଛି, ପରୀକୁ ହତ୍ୟା କରିବା ପୂର୍ବରୁ ଦୁର୍ଷ୍କମ କରାଯାଇଛି। ପାରିପାର୍ଶ୍ୱିକ ତଥ୍ୟ ପ୍ରମାଣ ଆଧାରରେ ଏହା ଜଣାପଡ଼ିବା ପରେ ଅପରାଧୀକୁ ଚିହ୍ନଟ କରାଯାଇଛି। ପୁଲିସ ଅଭିଯୋଗ ଫାଇଲକୁ ଚାପି ଦେଇଥିବାବେଳେ ଏସଆଇଟି ଦ୍ୱାରା ପ୍ରକୃତ ସତ୍ୟ ଓ ତଥ୍ୟ ଉଦଘାଟନ ଆପାତତଃ ବ୍ୟବସ୍ଥା ଉପରେ ଜନସାଧାରଣଙ୍କ ଆସ୍ଥାକୁ ଫେରାଇ ଆଣିଛି ବୋଲି କୁହାଯାଇପାରିବ। ପରୀ ଘଟଣା ସବୁଆଡ଼େ ଘଟୁଥିବା ଅପହରଣ ଓ ହତ୍ୟା ଘଟଣା ସମୂହ ଭିତରୁ ହାଣ୍ଡିଏ ଭାତରୁ ଟିପି ଗୋଟିଏ ପରଖିବା ଭଳି। ଢ଼େଙ୍କାନାଳର ନିହଳପ୍ରସାଦ ଥାନା ଅର୍ନ୍ତଗତ ଏକ ଗ୍ରାମରେ ଚନ୍ଦନ ସାହୁଙ୍କ ସନ୍ତାନ କାଳିଆକୁ କିଛିବ୍ୟକ୍ତି ଅପହରଣ କରି ପରେ ମାରି ଫିଙ୍ଗି ଦେବା ଘଟଣା ସୂଚାଉଛି କି, ପାରିବାରିକ ଈର୍ଷା ଓ ହିଂସାର କୁପରିଣତି କେତେ ସାଂଘାତିକ ହୋଇପାରେ। କେବଳ ଢ଼େଙ୍କାନାଳ କାହିଁକି, ତମାମ ରାଜ୍ୟ ପାଇଁ ଏହାଠାରୁ ବଳି ଗୁରୁତର ଦୁଃସମ୍ବାଦ କିଛି ଥାଇନପାରେ। ସେହିଭଳି ଗଜପତି ଜିଲ୍ଲାର କାଶୀନଗର ଥାନା ଅର୍ନ୍ତଗତ କୁମୁଟି ସାହିର ମନ୍ମଥ ରାଓଙ୍କ ଛଅ ବର୍ଷର ପୁଅ ହାର୍ଦ୍ଦିକକୁ ଦୁଇଜଣ ବାଇକ୍ ଆରୋହୀ କୁଆଡ଼େ ଅପହରଣ କରିନେଇଛନ୍ତି। ବାପା କେଉଁଠି ବୋଲି ହାର୍ଦ୍ଦିକକୁ ସେହି ଦୁଇଜଣ ପଚାରିବାରୁ ସରଳବିଶ୍ୱାସୀ ପୁଅକୁ ଅପହର୍ତ୍ତାମାନେ କାଜୁ ଫ୍ୟାକ୍ଟ୍ରି ନିକଟକୁ ନେଇଯିବାର ନାଟକବାଜି କରି କୁଆଡ଼େ ଫେରାର ହୋଇଗଲେ। ହୋଇପାରେ ବ୍ୟାବସାୟିକ ଶତ୍ରୁତା କାରଣରୁ ହାର୍ଦ୍ଦିକ ସେମାନେ ଅପହରଣ କରିଥାଇପାରନ୍ତି। ସାଙ୍ଗପିଲାମାନଙ୍କ ସହ ଖେଳୁଥିବା ସମୟରେ ହାର୍ଦ୍ଦିକକୁ ଠାବ କରି ଯେଉଁ ଉଦ୍ଦେଶ୍ୟରେ ହୋଇଥାଉନା କାହିଁକି, ଉଠାଇନେବା ଘଟଣାକୁ ଊଣା ନଜରରେ ଦେଖାଯାଇପାରୁନାହିଁ। ଯେହେତୁ ବାଇକ୍ ଆରୋହୀ ଦୁଇଜଣ ହେଲମେଟ୍ ଓ ମାସ୍କ ପିନ୍ଧିଥିଲେ, ସେମାନଙ୍କୁ କେହି ସହାସା ଚିହ୍ନିପାରିବା ସହଜ ନଥିଲା। ପିଲାଚୋରି ଭଳି ଅପରାଧ ପାଇଁ ପକ୍‌ସୋ ଆଇନ ରହିଛି। ଶିଶୁ ନିର୍ଯାତନା, ଶୋଷଣ, ଅପହରଣ, ଯୌନାଚାର ଭଳି ଗର୍ହିତ ଅପରାଧ ପାଇଁ ରହିଛି କଣ୍ଢୋର ଦଣ୍ଡର ପ୍ରାବଧାନ। ଦିନକ ତଳେ ଏଭଳି ଏକ ମାମଲାରେ ଜଣେ ଅପରାଧୀଙ୍କୁ କୋଡ଼ିଏ ବର୍ଷ ସଶ୍ରମ ଜେଲଦଣ୍ଡ ହୋଇଛି। ଯେଉଁ ଦଶହଜାର ଜରିମାନା ହୋଇଛି, ତାହା ଦେଇନପାରିଲେ ଅଧିକ ଏକବର୍ଷ ଜେଲଦଣ୍ଡ ଭୋଗିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ରାଜଧାନୀ ଦିଲ୍ଲୀରେ ଦୁଇ କିଶୋର-କିଶୋରୀ ଗୀତା ଓ ସଂଜୟ ଚୋପ୍ରା ଭାଇଭଉଣୀଙ୍କୁ ହରଣଚାଳ କରି ହତ୍ୟା କରିଥିବା ଦୁର୍ଦ୍ଦାନ୍ତ ବିଲ୍ଲା-ରାଙ୍ଗାଙ୍କୁ ଶେଷରେ ଫାଶୀଖୁଣ୍ଟରେ ଝୁଲିବାକୁ ପଡ଼ିଲା। ଫୌଜଦାରୀ ଦଣ୍ଡବିଧିରେ କଠୋରରୁ କଠୋରତର ଶାସ୍ତିର ବ୍ୟବସ୍ଥା କରାଯାଇଥିଲେ ହେଁ ଅପରାଧୀମାନେ ଯେଉଁଭଳି କାଣ୍ଡରେ ଲିପ୍ତ ରହୁଛନ୍ତି, ସେହି ଖରାପ ପ୍ରକ୍ରିୟାର ଶେଷ ନାହିଁ। ଦିଲ୍ଲୀର ନିର୍ଭୟା କାଣ୍ଡ ଏହାର ଗୋଟିଏ ଜ୍ୱଳନ୍ତ ଉଦାହରଣ। ବର୍ଷବର୍ଷ ଗଡ଼ିଯିବା ପରେ ସୁଦ୍ଧା ନିର୍ଭୟାଙ୍କର ପିତାମାତା କିଭଳି ଏ କୋର୍ଟରୁ ସେ କୋର୍ଟ ଧାଉଁଥିଲେ, ତାହା ଦେଶ ଦେଖିଛି। ଉପସ୍ଥିତ କ୍ଷେତ୍ରରେ ଆଶା କରାଯାଇପାରେ କି ଅପହରଣ, ଅଙ୍ଗଚୋରି ଓ ହତ୍ୟା ଭଳି ଅପକର୍ମ ପାଇଁ କର୍ତ୍ତୃପକ୍ଷ କଠୋର ନୀତି ଆପଣାଇ ଏହି ରାକ୍ଷସରୂପୀ କଳଙ୍କର ସମୂଳେ ଉତ୍ପାଟନ କରାଯିବ।

## କବିତା କୋଣାର୍କ

## ପ୍ରେମ ନିଶା..

**ସିଦ୍ଧେଶ୍ୱର ତ୍ରିପାଠୀ**

ତୁମ ମିଠା ଗୀତ ଶୁଣିଲା ଦିନରୁ
ମୋତେ ହେଲା ପ୍ରେମ ନିଶା
ଯେବେଠୁ ଦେଖିଲି ଆଖିରେ ତୁମକୁ
ଏମନେ ଜାଗିଲା ଆଶା।
ବିଭୋର ବେଳାରେ ବିତି ଯାଉ ଦିନ
ସରି ଯାଉ ଏଇ ରାତି
ତୁମ ଭେଟପାଇଁ ସୁଗମ ହେଉ
ଏ ଆଖିକୁ ସବୁ ତିଥି।
ଦୁଇଟି ହୃଦୟ ବୁଝିତ ସାରିଛି
ଭାବ ଛଳଛଳ ଭାଷା
ତୁମ ମିଠା ଗୀତ ଶୁଣିଲା ଦିନରୁ
ମୋତେ ହେଲା ପ୍ରେମ ନିଶା।
ସବୁ ଦହନକୁ ଦୂରେଇବା ପାଇଁ
ବାହୁ ବନ୍ଧନରେ ନିଅ
ତୁମ ପରଶରେ ଏଇ ଦେହମନ
ହୋଇଯାଉ ପ୍ରେମମୟ।
ଦୁଇପ୍ରେମ ପକ୍ଷୀ ରହିବା ପାଇଁକି
ତୋଳିଛି ଫୁଲର ବସା
ତୁମ ମିଠା ଗୀତ ଶୁଣିଲା ଦିନରୁ
ମୋତେ ହେଲା ପ୍ରେମ ନିଶା।

# ଭାରତ ବର୍ଷରେ କୃଷକ ଆନ୍ଦୋଳନର ଏପାଖ ସେପାଖ

**ଶ୍ରୀକୃଷ୍ଣ ସାମଲ**

ଭାରତ ବର୍ଷରେ ଚାଲିଥିବା କୃଷକ ଆନ୍ଦୋଳନ ଥମିବାର ନାଁ ଧରୁ ନାହିଁ । ଏ ପରିପ୍ରେକ୍ଷୀରେ ଉଭୟ ଭାରତ ସରକାର ଓ କୃଷକ ସଂଘଠନ ଗୁଡିକ ନିଜ ନିଜ ଜିଦ୍‌ରେ ଅଟଳ ରହୁଛନ୍ତି । କୃଷକମାନେ ସରକାରଙ୍କର ନୂତନ କୃଷି ନୀତିକୁ କୃଷକମାରଣ କହୁଥିଲା ବେଳେ, ସରକାର ଏହାକୁ କୃଷକ ମାନଙ୍କ ହିତ ନିମନ୍ତେ ଉଦ୍ଧିଷ୍ଟ ବୋଲି ଜୋର ଦେଇ କହୁଥିବେଳେ କୃଷକମାନେ ବିରୋଧି ମାନଙ୍କର ଘ୍ଉପରେ ପଡି ଏହି ଆନ୍ଦୋଳନ ଜାରି ରଖି ଦେଶକୁ ଅସ୍ଥିରତା ଭିତରକୁ ଟାଣି ନେଉଛନ୍ତି ବୋଲି ଅଭିଯୋଗ କରୁଛନ୍ତି । ତେବେ ଏନଡିଏ ସରକାର କାଶ୍ମୀର ସମସ୍ୟା, ରାମ ଜନ୍ମଭୂମି, ବାବ୍ରି ମସଜିଦ୍ ସମସ୍ୟା ଉପରେ ଉଚିତ୍ ପଦକ୍ଷେପ ନେଇ, ଶତ୍ରୁ ରାଷ୍ଟ ଚୀନ ଓ ପାକିସ୍ତାନ କୁ ଉଚିତ୍ ଜବାବ ଦେଇ ଘ୍ଲିଥିବାରୁ ଦେଶ ଅଭ୍ୟନ୍ତରରେ କୃଷକମାରଣ ନୀତି ଆପଣେଇବା କେତେ ଦୂର ଯୁକ୍ତିଯୁକ୍ତ ଓ ସତ୍ୟ ତାହା ଜାଣିବା ନିମନ୍ତେ ଦେଶବାସୀ ଉଦ୍‌ଗ୍ରୀବ ହୋଇ ପଡିଛନ୍ତି । ଏଣୁ ଏହା ଉପରୁ ପରଦା ହଟିବା ଉଚିତ୍ । ଦେଖାଯାଉଛି ଏହି ଆନ୍ଦୋଳନରେ ପାବର ଶିଖ ସମ୍ପ୍ରଦାୟର କୃଷକମାନେ ନେତୃତ୍ୱ ନେଉଛନ୍ତି । ସେଥିପାଇଁ କାନାଡା ସକାରରେ ଶିଖ ସାଂସଦ ଥିବାରୁ କାନାଡା ପ୍ରଧାନ ମନ୍ତ୍ରୀ ଏହାକୁ ସମର୍ଥନ ଜଣେଇଛନ୍ତି । ଠିକ୍ ସେମିତି ଜାତି ସଂଘକୁ ମଧ ପ୍ରଭାବିତ କରାଯିବା ଦ୍ୱାରା ଜାତି ସଂଘର ଜଣେ ମୁଖପାତ୍ର ଏହି ଆନ୍ଦୋଳନକୁ ସମର୍ଥନ ଜଣେଇଛନ୍ତି । ହେଲେ ବ୍ରିଟେନ ଏହାକୁ ଏଡାଇ ଯାଇ ଏହା ଭାରତର ଆଭ୍ୟନ୍ତରୀଣ ବ୍ୟାପାର ବୋଲି କହିଛି । ତେବେ ବିରୋଧୀ ଦ୍ୱାରା ମାନଙ୍କ ପ୍ରଭାବିତ ହୋଇ ଏହି ଆନ୍ଦୋଳନକୁ କୃଷକମାନେ ଆପଣେଇଛନ୍ତି ବୋଲି କହୁଥିବା ଏନଡିଏ ଦଳ ଖୋଦ ସରକାରରେ ଥାଇ କାହିଁକି ଘ୍ଷୀମାନଙ୍କୁ ନିଜର ସପକ୍ଷକୁ ନେଇ ପାରୁ ନାହାନ୍ତି । ପ୍ରଶ୍ନ ଉଠେ ଘ୍ଷୀ ସଂଗଠନ ଗୁଡିକର ଭୁଲ ଠିକ୍ ବିଘ୍ର କରିବାର ଶକ୍ତି ରହିଛି । ଯଦି ଏହା ଠିକ୍ ତାକୁ ସେମାନେ ଆପଣେଇ ନେବା ଉଚିତ୍ । ଅଯଥା ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଏହାକୁ ଆପେଣେଇ ନେବା ଉଚିତ୍ ନୁହେଁ । ଯଦି ଏହା ଭୁଲ ସରକାର ଓ କୃଷକ ସଂଗଠନ ମଧରେ ଶାନ୍ତପୂର୍ଣ୍ଣ ଆଲୋଚନା କରାଯାଇ ଏହାର ନିଷ୍କର୍ଷ ବାହାର କରିବା ଉଚିତ୍ । ଅଯଥା ସରକାର ନିଜ ଜିଦ୍‌ରେ ଅଟଳ ରହିବା ଉଚିତ୍ ନୁହେଁ କି କୃଷକ ସଂଗଠନ ଗୁଡିକ ଅଯଥା ଆନ୍ଦୋଳନରେ ନ ମାତି କ୍ଷ୍ୟାନ୍ତ ହେବା ଉଚିତ୍ । ସୁପ୍ରିମକୋର୍ଟ ମଧ ଏହି ମର୍ମରେ ସରକାର ଓ କୃଷକ ସଂଗଠନ ଗୁଡିକ ଆପୋସ ଆଲୋଚନା ମାଧ୍ୟମରେ ସମାଧାନର ସୂତ୍ର ବାହାର କରିବାକୁ ମତ ପୋଷଣ କରିଛନ୍ତି । କାରଣ ଦେଶର ଉଭୟ ସୀମାନ୍ତରରେ ପଡୋଶୀ ଶତ୍ରୁ ରାଷ୍ଟ୍ରମାନଙ୍କର ସମର ସଜ୍ଜା ଭାରତକୁ ଭାରାକ୍ରାନ୍ତ କରି ଦେଉଥିବା ବେଳେ ଦେଶ ଅଭ୍ୟନ୍ତରରେ ଏଭଳି ଆନ୍ଦୋଳନ ଆଉ ଶତ୍ରୁ ରାଷ୍ଟ୍ର ମାନଙ୍କର ଅଭିସନ୍ଧି ନୁହେଁ ତ ? ଏହା ବିରୋଧୀ ଦଳ, ଦେଶବାସୀ ଓ କୃଷକ ସଂଗଠନ ଗୁଡିକ ସହୃଦୟତାର ସହ ବିଘ୍ର କରିବା ଉଚିତ୍ ।

ଶ୍ରୀକୃଷ୍ଣ ନିବାସ
କରଂଜିଆ, ମୟୂରଭଂଜ
ମୋ-୯୪୩୭୩୨୦୬୭୯

# ସିଦ୍ଧ ସାଧକ-ଯଶୋବନ୍ତ ଗୋସ୍ୱାମୀ


**ଅକ୍ଷୟ କୁମାର ରାଉତ**

ଓଡିଆ ଜାତିର ସାମାଜିକ, ସାହିତ୍ୟ, ସଂସ୍କୃତି, ପରମ୍ପରା, ଧର୍ମ, ରାଜନୈତିକ ଦର୍ଶନ, ଭାସ୍କର୍ଯ୍ୟ, ରୀତିନୀତି, ଇତିହାସ ଓ ଆଧାତ୍ମିକ ଭାବଭକ୍ତିର ଯେଉଁ ଅଭୂତ ପୂର୍ବ ପରିବର୍ତ୍ତନର ଅଭ୍ୟୁଦୟ ଘଟିଛିସେ ପଂଚସଖା ଯୁଗକୁ ଓଡିଆ ଜାତି ଭୁଲିନି କି ଭୁଲିବ ନାହିଁ। ଏହିଯୁଗରେ ୧୪୮୭ ଖ୍ରୀଷ୍ଟାବ୍ଦ ବୈଶାଖମାସ ଶୁକ୍ଳପକ୍ଷ ଦଶମୀତିଥିରେଜଗତ୍‌ସିଂହପୁର ଅଡଙ୍ଗଗଡର ନାଇଲୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ସିଦ୍ଧ ସାଧକ, ମହାପୁରୁଷ ଯଶୋବନ୍ତ ଦାସ। ତାଙ୍କ ପିତାଙ୍କ ନାମଜଗନ୍ନାଥ ମଲ୍ଲିକ ବା ଜଗୁମଲ୍ଲିକ ଓ ମାତାଙ୍କର ନାମ ରେଖା ଦେବୀ। ସେ ଜାତିରେ କ୍ଷତ୍ରୀୟ ଥିଲେ । ସେ କ୍ଷତ୍ରି ଥିବାରୁ ତାଙ୍କର ମଲ୍ଲିକ ଉପାଧି, ପର ଅବସ୍ଥାରେ ମଲ୍ଲ ହୋଇଥିବା ଅନୁମାନ କରାଯାଏ। ଲୋହି ଦାସଙ୍କ ଷଷ୍ଠୀ ମେଳାରେ ପିତାଙ୍କ ନାମବଳ ଭଦ୍ରମଲ୍ଲ ଉଲ୍ଲେଖ ଅଛି। ଯଶୋବନ୍ତ ଦାସ ମାତୃଗର୍ଭରେ ବାରମାସକାଳ ଧ୍ୟାନ ମଗ୍ନରେ ରହୁଥିଲେ। ସେ ଜନ୍ମରୁ ଜଟାଜୁଟ ବିମଣ୍ଡିତ ଥିବାର ଦେଖାଯାଇଥିଲା। ଜନ୍ମରୁ ପାଂଚବର୍ଷ ପର୍ଯ୍ୟନ୍ତ ମୌନ ବ୍ରତ ସହିତ ପଦ୍ମାସନରେ ନିର୍ଜନ ବଟବୃକ୍ଷ ମୂଳରେ ଧ୍ୟାନ ମଗ୍ନ ରହିଥିଲେ। ଯଶୋବନ୍ତ ଦାସ ମାତ୍ର ବାରବର୍ଷ ବୟସରେ ଶ୍ରୀକ୍ଷତ୍ର ଧାମରେ ବଟଗଣେଶଙ୍କ ନିକଟରେ ମହାପୁରୁଷ ଜଗନ୍ନାଥ ଦାସଙ୍କ ପିତାଭଗବାନ ଦାସଙ୍କ ନିକଟରୁ ସଂସ୍କୃତ ଭାଗବତର ବ୍ୟାଖ୍ୟା ଶ୍ରବଣ କରୁଥିଲେ। ଧ୍ୟାନ ଘ୍ରେରୀ କେସ୍‌ରେ ଯଶୋବନ୍ତଙ୍କୁ ଶୂଳି ଦେବାକୁ ରାଜା ରଘୁରାମ ହୁକୁମ ଦେଲେ। ଯଶୋବନ୍ତଙ୍କ କାତର ପ୍ରାର୍ଥନାରେ ଶ୍ରୀଜଗନ୍ନାଥ ସୁଦର୍ଶନକୁ ଆଜ୍ଞା ଦେଲେ ସଭାରେ ଯେତେ ଜନ ଅଛନ୍ତି ସମସ୍ତଙ୍କୁ ଢାଙ୍କି ରଖିବାକୁ। ଯଶୋବନ୍ତଙ୍କ ଦେହରେ ଚତୁର୍ଦ୍ଧମୂର୍ତ୍ତି ଶ୍ରୀଜଗନ୍ନାଥଙ୍କର ରୂପ ରଘୁରାମ ଦେଖି ତାଙ୍କ ଗୋଡତଳେ ପଡି କ୍ଷମା ମାଗିଲେ। ଯଶୋବନ୍ତଙ୍କ ଏହି ଅଲୌକିକତାରେ ପ୍ରଭାବିତ ହୋଇ ରାଜା ରଘୁରାମ ଚମ୍ପତି ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ। ଗୁରୁଙ୍କୁ ସନ୍ତୁଷ୍ଟ କରିବା ପାଇଁ ରଘୁରାମ ଚମ୍ପତି ନିଜରକନ୍ୟା ଅନାକୁ ଯଶୋବନ୍ତଙ୍କୁ ବିବାହ କରିଦେଇଥିଲେ। ଦୁର୍ଭିକ୍ଷ ଯୋଗୁ ଜନସାଧାରଣ ଜମିଦାରଙ୍କ କ୍ଷେତ ଓ ବାଡିବଗିଚାରୁ ଶସ୍ୟ ଚୋରି କରୁଥିଲେ। ଜମିଦାର ନିଜର ବିଶ୍ୱସ୍ତ କ୍ୱାଇଁ ଯାଶୋବନ୍ତଙ୍କୁ ରାତ୍ରୀ ଜଗୁଆଳରୂପେ କିଛିଦିନ ନିଯୁକ୍ତ କରିଦେଲେ। ନିଶାର୍ଦ୍ଧରେ ଚୋର ଶସ୍ୟକ୍ଷେତ୍ରରେ ପହଂଚିବାକ୍ଷଣି ବୃକ୍ଷଗୁଡିକ ରାମନାମ ଜପ କରନ୍ତି। ରାମନାମ ଶୁଣି ଚୋର ଭୟରେ ପଳାୟନ କରନ୍ତି। ଶସ୍ୟ ବୃକ୍ଷ ଗୁଡିକଙ୍କ ରାମନାମ ଭଜନ ଶୁଣି ଜମିଦାର ଆଶ୍ଚର୍ଯ୍ୟ ହେଉଥିଲେ।

୧୫୧୦ ଖ୍ରୀଷ୍ଟାବ୍ଦରେ ଶ୍ରୀଚୈତନ୍ୟ ଶ୍ରୀକ୍ଷେତ୍ର ଆଗମନ କରିଥିବା ସମୟରେ ପଂଚସଖା ଗଣ ତାଙ୍କଠାରୁ ମନ୍ତ୍ରଦୀକ୍ଷା ଗ୍ରହଣ କରିଥିଲେ। ଯଶୋବନ୍ତ ଦାସଙ୍କୁ ଶ୍ୟାମ ପଂଚାକ୍ଷର ମନ୍ତ୍ର ଶ୍ରୀଚୈତନ୍ୟ ଦେବ ପ୍ରଦାନ କରିଥିଲେ। ତତ୍କାଳୀନ ଗଜପତିରାଜା ପ୍ରତାପରୁଦ୍ର ଦେବ ଓ ତାଙ୍କର ମହାମନ୍ତ୍ରୀ ରାମାନନ୍ଦ ମଧ ଶ୍ରୀଚୈତନ୍ୟଙ୍କଠାରୁ ବୈଷ୍ଣବ ଧର୍ମ ଗ୍ରହଣ କରିଥିଲେ।

ଦିନକର କଥା, ଯଶୋବନ୍ତ ଦାସ ନିଶାର୍ଦ୍ଧରେ ହରିନାମ କରି ଶିଷ୍ୟମାନଙ୍କ ସହିତ ପାଦରେ ଚାଲିଚାଲି ଶ୍ରୀକ୍ଷେତ୍ରକୁ ଯାଉଥିବା ସମୟରେ ଚନ୍ଦନପୁର ନିକଟରେ ଏକ ବ୍ରହ୍ମରାକ୍ଷସ ହାବୁଡରେ ପଡିଗଲେ। ବ୍ରହ୍ମରାକ୍ଷସ ତାଙ୍କ ପଥରୋଧ କଲା। କିନ୍ତୁ ଯଶୋବନ୍ତ ଭୟକଲେ ନାହିଁ। ବ୍ରହ୍ମରାକ୍ଷସକୁ ଆଦେଶ ଦେଲେ, ହେ ବ୍ରହ୍ମରାକ୍ଷସ ତୁ ମୋତେ ତୋ କାନ୍ଧ ଉପରେ ବସାଇ ଶ୍ରୀକ୍ଷତ୍ରକୁ ନେଇଚାଲ। ବ୍ରହ୍ମରାକ୍ଷସ ଯଶୋବନ୍ତଙ୍କ କଥାକୁ ମାନି ତାଙ୍କୁ କାନ୍ଧରେବସାଇ ପୁରୀ ଅଭିମୁଖେ ଗମନ କଲା। ଏ ଖବର ଗଜପତି ରାଜା ପ୍ରତାପ ରୁଦ୍ରଙ୍କ କର୍ଣ୍ଣ ଗୋଚର ହେଲା। ତେଣୁ ରାଜା ରାଜଉଆସରୁ ବାହାରି ଶିଶୁ ଯଶୋବନ୍ତଙ୍କୁ ଦର୍ଶନ କରି ପଚାରିଲେ, ଏ ବ୍ରହ୍ମରାକ୍ଷସ କେଉଁ ଆଡେ ଯିବ? ଏହାଶୁଣି ଯଶୋବନ୍ତ କହିଲେ ଆଜିଠାରୁ ଏ ବ୍ରହ୍ମରାକ୍ଷସ ବାବନାଭୂତ ନାମରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ରହିବ। ଅନ୍ୟାୟ, ଅନୀତି ଓ ରାକ୍ଷସ ସଂପନ୍ନ ମନୁଷ୍ୟମାନଙ୍କୁ ସଂହାର କରିବ। ଏ ବାବନାଭୂତ ରଥସମୟରେ ତିନି ରଥର ସୁରକ୍ଷା ଦାୟିତ୍ୱ ବହନ କରିବ।

ଯଶୋବନ୍ତ ବହୁତ ଅଦ୍ଭୁତଲିଳା ଜନସାଧାରଣଙ୍କ ନିକଟରେ ଦେଖାଇଛନ୍ତି। ପୁରୀରୁ ଗ୍ରାମକୁ ଫେରିବାକୁ ହାତରେ ବାଟଖର୍ଚ୍ଚ ନାହିଁ। ଜଗନ୍ନାଥଙ୍କୁ ପ୍ରାର୍ଥନା କରିବାରୁ ଶ୍ରୀଜଗନ୍ନାଥ ନିଜେ ରତ୍ନକୁଣ୍ଡଳ ଯଶୋବନ୍ତଙ୍କୁ ପ୍ରଦାନ କଲେ। ସେବକମାନେ ପ୍ରଭୁଙ୍କର କର୍ଣ୍ଣର କୁଣ୍ଡଳ ନ ଦେଖି ରାଜାଙ୍କୁ ଜଣାଇଲେ। ଉକ୍ତ କୁଣ୍ଡଳଟି ଯଶୋବନ୍ତଙ୍କ ନିକଟରୁ ବାହାରିବାରୁ ତାଙ୍କୁ,ଜେଲ ହୋଇଗଲା। ଜଗନ୍ନାଥ ରାଜାଙ୍କୁ ସ୍ୱପ୍ନାଦିଷ୍ଟ ହୋଇ ଭକ୍ତ ଯଶୋବନ୍ତଙ୍କୁ ସସମ୍ମାନେ ମୁକ୍ତି କରିବାକୁ ନିର୍ଦ୍ଦେଶ ଦେଲେ।

ଯୋଗଜନ୍ମା ଯଶୋବନ୍ତ ଦାସ ଓଡିଆ ସାହିତ୍ୟ ଭଣ୍ଡାରକୁ ଯେଉଁ ଗ୍ରନ୍ଥମାନ ଦାନ କରିଯାଇଛନ୍ତି ତାର ତୁଳନା ନାହିଁ। ସେହି କାଳଜୟୀ ମହାପୁରୁଷ ଯେଉଁ ଗ୍ରନ୍ଥମାନ ଲେଖିଛନ୍ତି ସେଗୁଡିକ ହେଉଛି - ଶିବସ୍ୱରୋଦୟ, ପ୍ରେମଭକ୍ତିଗୀତ, ଗୋବିନ୍ଦଚନ୍ଦ୍ରଟୀକା, ରାସ, ମାଳିକା, ଆଗତଭବିଷ୍ୟମ ଧାନଚୋରି, ବାଘଲିଳା, ଭଜନ ସାର, ଚଉରାଅଶୀ ଆଜ୍ଞା। ଓଡିଆ ଜାତିର ବ୍ରହ୍ମଜ୍ଞାନୀ, ଭକ୍ତିଭାବ ଧାରର କବି ଯଶୋବନ୍ତ ଦାସ ନିଜ ଜନ୍ମସ୍ଥାନ ଅଡଙ୍ଗଗଡ ନନ୍ଦିଗ୍ରାମ (ନାଇଲୋ) ରେଶେଷଜୀବନ କଟାଇଥିଲେ। ମୃତ୍ୟୁ ପୂର୍ବରୁ ପରିବାରର ସମସ୍ତ ସଦସ୍ୟ ଓ ପତ୍ନୀଙ୍କୁ ନିଜର ଇଛାମୃତ୍ୟୁର ସୂଚନା ଦେଇଥିଲେ। ସେହି ଦିନଟି ଥିଲା ମାର୍ଗଶୀର ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିର ବ୍ରାହ୍ମମୁହୂର୍ତ୍ତ ୧୫୭୦ ମସିହା। ସିଦ୍ଧ ସାଧକ ଯଶୋବନ୍ତ ଗୋସ୍ୱାମୀଭୂ-ଗର୍ଭରେମହାସମାଧି ନେଲେ।ତା ପରଦିନ ଅଡଙ୍ଗ ଗଡର କେତେ ଜଣ ବେପାରି କଲିକତାରୁ ଫେରିବା ସମୟରେ ବାଟରେ ଯଶୋବନ୍ତ ଦାସଙ୍କୁ ଏକୁଟିଆ ଦେଖି ଆଶ୍ଚର୍ଯ୍ୟ ହୋଇ ପଚାରନ୍ତେ ଯଶୋବନ୍ତ କହିଲେ ସେ ଏକାକୀ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ବାହାରି ପଡିଲେ। ମୋର ଏହି ଗଡୁ ନିଅ ରାଜା ରଘୁରାମଙ୍କୁ ଦେଇ କହିବ ଭୂଷଣ୍ଡ ଶିଷ୍ୟକୁ ଶୀଘ୍ର ପଠାଇ ଦେବେ। ବେପାରୀମାନେ ଆସି ରଘୁରାମକୁ ଗଡୁ ଦେଇ କହିଲେ। କିନ୍ତୁତା ପୂର୍ବ ଦିନ ଯଶୋବନ୍ତ ସମାଧି ନେବାରୁ ହରିକୀର୍ତ୍ତନ ଲାଗିଛି, ତାଙ୍କର ପ୍ରିୟଶିଷ୍ୟ ଭୂଷଣ୍ଡ କୀର୍ତ୍ତନ କରୁଥିଲେ। ଏହାଶୁଣି ସେ ଭୂତଳରେ ପତିତ ହେଲେ। ତାଙ୍କର ଜୀବ ଆତ୍ମା ଶରିର ଛାଡି ଚାଲିଗଲା। ସମସ୍ତେ ଦେଖିଲେ ଭୂଷଣ୍ଡ ନିର୍ଜିବ। ସେଥିପାଇଁ ମହାପୁରୁଷ ଯଶୋବନ୍ତ ଦାସ ଶିବ ସ୍ୱରୋଦୟରେ ରଚନା କରିଛନ୍ତି-

ଏବଂ ଭୂତ ଯେଉଁ
ପ୍ରଭୁତାଙ୍କ ପଂଚଭୂତ
ଏକଭୂତ ସଖା ଯେ
ଅଟଇ ଯଶୋବନ୍ତ।

ଏହି ମାର୍ଗଶୀର ଶୁକ୍ଳଷଷ୍ଠି (ଓଡଣ ଷଷ୍ଠୀ) ଦିନ ସିଦ୍ଧସାଧକ ଯଶୋବନ୍ତ ଦାସ ମହାପୁରୁଷଙ୍କୁ ସ୍ମରଣ କରି ଉତ୍କଳୀୟ ଜନ ସାଧାରଣ ମହାସମାଧି ପୀଠକୁ ଯାତ୍ରାକରନ୍ତି ଓ ଅନ୍ତରର ଭକ୍ତି ନୈବେଦ୍ୟ ଅର୍ପଣ କରିଥାଆନ୍ତି। ଗୋସ୍ୱାମୀ ଯଶୋବନ୍ତ ଦାସ ଭକ୍ତ ମାନଙ୍କୁ ବାହୁ ପ୍ରସାରି ଆଶୀର୍ବାଦ କରିଆନ୍ତି ଓ କୁହନ୍ତି ମୁଁ ସର୍ବଦା ତୁମ୍ଭମାନଙ୍କ ନିକଟରେ ଅଛି। ସେ ଦେହାବସାନ କଲେ ସିନା ମାତ୍ରସେ ଆଜି ମରିବି ଅମର।

> ଓଡିଆ ଜାତିର ସାମାଜିକ, ସାହିତ୍ୟ, ସଂସ୍କୃତି, ପରମ୍ପରା, ଧର୍ମ, ରାଜନୈତିକ ଦର୍ଶନ, ଭାସ୍କର୍ଯ୍ୟ, ରୀତିନୀତି, ଇତିହାସ ଓ ଆଧାତ୍ମିକ ଭାବଭକ୍ତିର ଯେଉଁ ଅଭୂତ ପୂର୍ବ ପରିବର୍ତ୍ତନର ଅଭ୍ୟୁଦୟ ଘଟିଛି ସେ ପଂଚସଖା ଯୁଗକୁ ଓଡିଆ ଜାତି ଭୁଲିନି କି ଭୁଲିବ ନାହିଁ। ଏହିଯୁଗରେ ୧୪୮୭ ଖ୍ରୀଷ୍ଟାବ୍ଦ ବୈଶାଖମାସ ଶୁକ୍ଳପକ୍ଷ ଦଶମୀତିଥିରେ ଜଗତ୍‌ସିଂହପୁର ଅଡଙ୍ଗ ଗଡର ନାଇଲୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ସିଦ୍ଧ ସାଧକ, ମହାପୁରୁଷ ଯଶୋବନ୍ତ ଦାସ।

ପାରାଦ୍ୱୀପଗଡ, କୁଜଙ୍ଗ,
ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

# ଆମ ରାଜ୍ୟରେ ହଜି ଯାଉଥିବା ଶିଶୁର ସଂଖ୍ୟା ପ୍ରତିଦିନ ପ୍ରାୟ ୧୫

**ସୁବ୍ରତ କର**



ପରିସଂଖ୍ୟାନ କହୁଛି ପ୍ରତି ୮ମିନିଟ୍‌ରେ ଆମ ଦେଶରେ ଜଣେ ଶିଶୁ ନିଖୋଜ ହେଉଛନ୍ତି ଏବଂ ଏହି ସଂଖ୍ୟା ଆମ ରାଜ୍ୟରେ ପ୍ରତିଦିନ ୧୫। ସେ ପରି ହୋଇପାରେ ବା ନେଉଳୀ। ଏହାକୁ ସରକାର ଆୟତ୍ତରେ ରଖିବାପାଇଁ ବିଭିନ୍ନ ପ୍ରକାରର ବ୍ୟବସ୍ଥାମାନ କରିଛନ୍ତି। ତନ୍ମଧ୍ୟରୁ ଶିଶୁ ସୁରକ୍ଷା ଯୋଜନା, ଜିଲ୍ଲାୱାରୀ ବିଶେଷ ଜୁଭେନାଇଲ ପୁଲିସ ଇଉନିଟ, ଚାଇଲଡ ୱେଲଫେଆର କମିଟି, ଶିଶୁ ସୁରକ୍ଷା ଇଉନିଟ୍‌ମାନ ପ୍ରତିଷ୍ଠା କରାହୋଇଛି। ଏହାଛଡ଼ା ପ୍ରତି ଜିଲ୍ଲାରେ ଚାଇଲ୍ଡ ଲାଇନ୍ ମଧ୍ୟ ପ୍ରତିଷ୍ଠା କରାହୋଇଛି। ଏହାପାଇଁ ୧୦୯୮ ସହାୟତା ଫୋନ୍ ନମ୍ବର ମଧ୍ୟ ଜାରି କରାହୋଇଛି। ଏତେସବୁ ସରକାରଙ୍କ ତରଫରୁ କରାହେଲାପରେ ମଧ୍ୟ ପରି, ନେଉଳୀ ଭଳି ଶିଶୁଙ୍କୁ ତାଙ୍କର ମା', ବାପାମାନେ ହରାଉଛନ୍ତି ଏବଂ ସେମାନଙ୍କୁ ବଳି ପଡ଼ିବାକୁ ପଡୁଛି। ପରି ନୟାଗଡ଼ର ଏବଂ ନେଉଳି ହେଉଛି ଆମ ଜିଲ୍ଲାର ବାଲିଆପାଳର। ଦୁଇଜଣଙ୍କୁ ବଳି ପଡ଼ିବାକୁ ପଡ଼ିଛି ଏବଂ ଏଥିରୁ ପରୀର ମୃତ୍ୟୁର ରହସ୍ୟ ଏ ପର୍ଯ୍ୟନ୍ତ ଉନ୍ମୋଚନ ହୋଇନଥିବାବେଳେ ନେଉଳିକୁ ହତ୍ୟା କରିଥିବା ତାର ସମ୍ପର୍କୀୟ ମାମୁଁ ଧରାପଡ଼ି ଜେଲ ହାଜତରେ। ମୃତ୍ୟୁର କାରଣ ଭିନ୍ନ ହୋଇପାରେ କିନ୍ତୁ ଗୋଟାଏ ଜିନିଷ ଜଳଜଳ କରି ଦେଖାହେଉଛି ଯେ ପରୀଠାରେ ରାଜନୈତିକ ଅଭିସନ୍ଧି ରହିଛି ସେଇଥିପାଇଁ ସାଧାରଣ ପୋଲିସ, କ୍ରାଇମବ୍ରାଂଚ ବା ଏସଆଇଟି ଏ ପର୍ଯ୍ୟନ୍ତ କୂଳ କିନାରା ପାଉନାହିଁ ଏବଂ ଘଟଣା ଏବେ ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ। ଆର ପଟକୁ ଦେଖିଲେ ନେଉଳିର ମୃତ୍ୟୁ ରହସ୍ୟ ଅଳ୍ପଦନରେ ବସ୍ତା ପୋଲିସ ଧରି ପକାଇଲେ ଏବଂ ଏହାର ମୂଳ କାରଣ ହେଲା ଏଠାରେ ରାଜନୈତିକ ସମ୍ପର୍କ କିଛି ନାହିଁ। ମୂଳ କଥାହେଲା ପ୍ରତିବର୍ଷ ଆମ ରାଜ୍ୟରେ ନିଖୋଜ ଶିଶୁଙ୍କ ସଂଖ୍ୟା ସବୁଠୁ ବେଶିଥିଲା। ୨୦୧୭ ମସିହାରେ ପ୍ରାୟ ୭୪୪୬ ଏବଂ ୨୦୧୯ରେ ରହିଛି ୫୫୦୩ ଏବଂ ଏଥିରୁ ଠାବ ହୋଇଥିବା ସଂଖ୍ୟା ୨୦୧୯ରେ ପ୍ରାୟ ୨୭.୧୪ରୁ ଏଥିରୁ ଅନୁମାନ କରି ହେଉଛି ଉପରୋକ୍ତ ସରକାରଙ୍କ ଦ୍ୱାରା ପରିଚାଳିତ ସଂସ୍ଥାମାନେ ତାଙ୍କର କାର୍ଯ୍ୟକାରିତାରେ ଭୂଲ ରହୁଛି ଏବଂ ବିଶେଷ ଭାବରେ ଫଳପ୍ରଦ ହୋଇପାରୁନାହାଁନ୍ତି। ସରକାର ଏହାକୁ ରୀତିମତ ତର୍ଜମା କରିବାର ଆବଶ୍ୟକତା ରହିଛି ଏବଂ ଏହି ସଂସ୍ଥାମାନେ କିପରି ଆହୁରି ଜୋରଦାର ଭାବରେ କାର୍ଯ୍ୟକରି ଶିଶୁ ନିଖୋଜକୁ ରୋକିବେ ଏବଂ ଯାଂଚ ଏଜେନ୍ସି ମଧ୍ୟ ବିଶେଷ ଭାବରେ ତତ୍‌ପରେ ବାଲିଆପାଳଠାରେ ଘଟିଥିବା ଘଟଣାକୁ ଆଖି ଆଗରେ ରଖି ତତ୍‌ପର ହେବା ଦରକାର। ମୁଁ ସରକାରଙ୍କୁ ଅନୁରୋଧ କରୁଛି ବସ୍ତାଠାରେ ଅବସ୍ଥାପିତ ଡି.ଏସପି ପୋଲିସ ଏବଂ ତାଙ୍କୁ ସାହାଯ୍ୟ କରିଥିବା ତାଙ୍କର ସାଥିମାନଙ୍କୁ ପୁରସ୍କୃତ କରିବାର ଆବଶ୍ୟକତା ରହିଛି। ତେବେ ଏଟା ନିଶ୍ଚିତ ବଡ଼ ବଡ଼ ନେତାମାନେ ଜଡ଼ିତ ରହିଲେ ସରକାରଙ୍କ ହାତଗୋଡ଼ ବନ୍ଧା ଏବଂ ଦୃଷ୍ଟାନ୍ତ ପରି।

## କବିତା କୋଣାର୍କ

## ପ୍ରଥମ ଚିଠି...

**ନିରଂଜନ ସାହୁ**

ପହିଲି ଚିଠିଟି ଲେଖିଥିଲି ଯେବେ
ମନେଅଛିନା ସେ କଥା
ଅଡୁଆ ତଡୁଆ ଭାଷା ପଢ଼ିଥିଲି
ଘୁରିଥିଲା ମୋର ମଥା।

ଅବୁଝା ଶବ୍ଦକୁ ବୁଝିବାରେ ଥିଲା
ନାନାବିଧ ଅସୁବିଧା
ତଥାପି ଏତିକି ଜାଣିଲି ବୁଝିଲି
ତୁମ କଥା ଅଧାଅଧା
ସେ ଚିଠି ପଢ଼ିବା ବୁଝିବା ପରେ ତ
ହେଲା ମୋର ମୁଣ୍ଡବ୍ୟଥା।

ତୁମରି ସାହସ ଦେଖିଥିଲି ମୁହିଁ
ଦେଇଥିଲ ଯେବେ ଚିଠି
ଧରା ପଡ଼ିଥିଲେ କାହାରି ହାତରେ
ଫାଟି ଯାଇଥାନ୍ତା ପିଠି
କିଏ କେତେ କହି ଯାଇଥାନ୍ତେ
ଲଗାଇ କଥାରେ ନଥା।

ନିହଳପ୍ରସାଦ, ଗନ୍ଧିଆପାଟଣା
ଢ଼େଙ୍କାନାଳ-୭୫୯୦୧୬
ମୋ:୯୯୩୮୭୪୧୫୮୩

## ଗାଁ ମୋ ଯାଇଛି ବଦଳି...

**ଦେବେନ୍ଦ୍ର ରାଉଳ**



କାହିଁକି କେଜାଣି କେଇଟା ଦିନରେ
ଗାଁ ମୋ ଯାଇଛି ବଦଳି
ଗାଁ ଦାଣ୍ଡେ ଆଉ ଗଡୁନି ଶଗଡ଼
ଗୋଠରେ ଉଡୁନି ଗୋଧୂଳି।

ଚାରିଆଡ଼ ଖାଲି ଗାଡ଼ି ଘୁଁ ଘାଁ
ଶୁଭୁନି ମଧୁର କାକଳି
ଫେରିବାଲା ଆଉ ଆସୁନି ଗାଆଁକୁ
ଡାକୁନି ବେଲୁନ୍ ବିକାଳି
ଫାଷ୍ଟଫୁଡ୍ ଛଡ଼ା ରୁଚୁନାହିଁ ଆଉ
କ୍ଷୀର ଚିନି ଚୂଡ଼ା କଦଳୀ
କାହିଁକି କେଜାଣି କେଇଟା ଦିନରେ
ଗାଁ ମୋ ଯାଇଛି ବଦଳି।

କାଗଜ ଡଙ୍ଗାଟେ ଭାସୁନାହିଁ ଆଉ
ଆସିଲେବି ଧାରା ଶ୍ରାବଣ
ଭାଗବତ ଟୁଙ୍ଗି ବିଲୁପ୍ତ ହେଲାଣି
ହେଉନି ପଠନ ଶ୍ରବଣ।

ଖେଳନା ସକାଶେ ଛୁଆଟେ ମାଆକୁ
କରୁନାହିଁ ଅଳି ଅର୍ଦ୍ଦଳି
କାହିଁକି କେଜାଣି କେଇଟା ଦିନରେ
ଗାଆଁ ମୋ ଯାଇଛି ବଦଳି।

ଜୁଣଗଡ଼, ରାଜନଗର, କେନ୍ଦ୍ରାପଡ଼ା
ମୋ:୮୮୯୫୭୪୬୫୬୫

## ଅନ୍ତସ୍ୱର...

**କ୍ଷୀରୋଦ କୁମାର ସାହୁ**

କିଏ କାହା ପାଇଁ ଉଜାଗର
ନିସ୍ତବ୍ଧ ରାତ୍ରିର ଘନ ଅନ୍ଧକାରେ
ଝିଙ୍କାରୀ ଶବ୍ଦ ଗୁଜଂନରେ
ଡିବିରିର ମାଏଟ ତେଲ
ଶେଷ ହେବାଯାଏ,
ପରିପୂର୍ଣ୍ଣତାର ଅଭିଳାଷରେ
ବାରମ୍ବାର ଧ୍ୟାନସ୍ଥ
କିଏ ଜଣେ ଆସିବ କି
ସ୍ୱପ୍ନର ଜୁଲକା ଦେଇ
ତୁଙ୍ଗି ଦେଖି ଦେଇ ଯିବ
ଅହର୍ନିଶି ପ୍ରୀତିର
ପ୍ରତି ନିବେଦନେ।
ତମେ କିଏ
ମୁଇଁ କିଏ
ଆମେ କିଏ
ଏ ସବୁର ଅସ୍ତିତ୍ୱକୁ
ବାରମ୍ବାର ଖୋଜିବାକୁ ହେବ
ଚାଏର ଅଗଁଲିଆ ହେଇ।
କେହି ଆସୁ କି ନ ଆସୁ
କିନ୍ତୁ,
ନିଜକୁ ତୟାର କରିବାକୁ ହେବ
ରାତି ସାରା ଚେଇଁ ରହିବାକୁ
କାହାର ପ୍ରତୀକ୍ଷାକୁ ନେଇ
ବାରମ୍ବାର ପରୀକ୍ଷାରେ
ଅବତୀର୍ଣ୍ଣ ହେବା ଲାଗି
ସପନ, ଜୀବନ, ଆଉ ଦହନର
ଲାଗି।

ବରପିଟା, ପାଟଣାଗଡ଼, ବଲାଙ୍ଗିର
ମୋ: ୯୮୬୧୮୫୨୫୮୭

# ଗୁରୁ ଓ ଗୁରୁତ୍ୱ




ସୁଧାଂଶୁ ଶେଖର ଦ୍ୱିବେଦୀ

ବିସି-୭୪, ସଲଟଲେକ, କଲକତା-୬୪

ମୋ: ୬୨୯୧୩୪୨୨୫୯


ସାଂସାରିକ କାମନାକୁ ତ୍ୟାଗ କରି ପରମାତ୍ମାଙ୍କ ନିକଟକୁ ନେଇଯାଉଥିବା କିଛିବି ସାଧନ ଅଥବା ବ୍ୟକ୍ତି ବିଶେଷଙ୍କୁ ଗୁରୁ ବୋଲି କୁହାଯାଇଥାଏ। ଗୁରୁ ଶବ୍ଦ ବଡ଼ ମହତ୍ୱପୂର୍ଣ୍ଣ ଶବ୍ଦ ହୋଇଥାଏ। "ଗୁ"ର ଅର୍ଥ ଅନ୍ଧକାର ଏବଂ "ରୁ"ର ଅର୍ଥ ପ୍ରକାଶ। ଯେଉଁ ଜ୍ଞାନୀ ଆମକୁ ଅଜ୍ଞାନୀ ରୂପୀ ଅନ୍ଧକାରରୁ ବାହାର କରି ଜ୍ଞାନରେ ପ୍ରକାଶିତ କରିଦିଅନ୍ତି ତାଙ୍କୁ ହିଁ ଗୁରୁ କୁହାଯାଏ। ସଂସାରର ଜ୍ଞାନ ମାତ୍ର ଅଜ୍ଞାନ ଅଟେ। କିନ୍ତୁ ପରମାତ୍ମାଙ୍କ ଜ୍ଞାନ ବାସ୍ତବିକ ଜ୍ଞାନ ବୋଲି କୁହାଯାଇଥାଏ। ସଂସାର ପରିବର୍ତ୍ତନଶୀଳ, ଅନିତ୍ୟ। ତାହା ଗତକାଲି ଗୋଟେ ପ୍ରକାର ଥିଲା, ଆଜି ଆଉ ଏକ ପ୍ରକାର, ଆସନ୍ତାକାଲି ଆଉ କିଛି ହୋଇଯିବ। ଯାହା ଏତେମାତ୍ରାରେ ପରିବର୍ତ୍ତନଶୀଳ ତାହା ସତ୍ୟ କେମିତି ହୋଇପାରିବ ? ଅସତ୍ୟକୁ ସତ୍ୟ ମାନି ନେବା ହିଁ ଅଜ୍ଞାନ, ଅନ୍ଧକାର। ସତ୍ୟ ପରମାତ୍ମା। ଯାହା ନିତ୍ୟ ପରିବର୍ତ୍ତନଶୀଳ। ସାଂସାରିକ ଦୃଷ୍ଟିରେ ବ୍ୟକ୍ତିର ଶରୀର ଏକ ପଦାର୍ଥ ଅଥବା ବସ୍ତୁ ସଦୃଶ। ତେଣୁ ଏ ସଂସାରରେ ପ୍ରତ୍ୟେକ ବ୍ୟକ୍ତି ଅନ୍ୟ ବ୍ୟକ୍ତିକୁ ଆକର୍ଷିତ କରିଥାଏ। ଆମକୁ ଯେଉଁ ବ୍ୟକ୍ତି ସର୍ବାଧିକ ଆକର୍ଷିତ କରିଥାନ୍ତି ତାଙ୍କୁ ଗୁରୁ କୁହାଯାଏ। ଏଇ ଭୌତିକ ସଂସାରରେ ଅନନ୍ତ ଆକର୍ଷଣ ଅବସ୍ଥିତ। ପ୍ରତ୍ୟେକଙ୍କୁ ଆକର୍ଷିତ କରୁଥିବା ବସ୍ତୁ ଅଥବା ବ୍ୟକ୍ତିଙ୍କୁ ଗୁରୁ ବୋଲି କୁହାଯାଇନପାରେ। ବାସ୍ତବରେ ପରାମାତ୍ମାଙ୍କୁ ଜ୍ଞାନୀ କରାଇ ଦେଇଥିବା ବ୍ୟକ୍ତି ଗୁରୁ ପଦବାଚ୍ୟ ହୋଇଥାନ୍ତି। ଗୁରୁ ନିଜ ପ୍ରତି ଆକର୍ଷିତ କରିଥାନ୍ତି କିବା ଆମେ ତାଙ୍କପ୍ରତି ଆକର୍ଷିତ ହୋଇଥାଉ। ଗୁରୁତ୍ୱାକର୍ଷଣ ନିୟମାନୁସାରେ ପ୍ରତ୍ୟକ ବ୍ୟକ୍ତି ଜଣେ ଅନ୍ୟ ଜଣଙ୍କୁ ଆକର୍ଷିତ କରିଥାନ୍ତି। ଯେମିତି ଶିଷ୍ୟକୁ ଗୁରୁ ଆକର୍ଷିତ କରନ୍ତି ଓ ଗୁରୁ ଶିଷ୍ୟକୁ। ଯେଉଁଭଳି ଜଣେ ବ୍ୟକ୍ତିଙ୍କୁ ଜ୍ଞାନ ପ୍ରାପ୍ତି ପାଇଁ ଗୁରୁଙ୍କର ଆବଶ୍ୟକତା ପଡ଼ିଥାଏ ସେହିପରି ଗୁରୁଙ୍କର ମଧ୍ୟ ଜଣେ ଉତ୍ତମ ଶିଷ୍ୟ ପାଇବା ପାଇଁ ଉତ୍କଣ୍ଠା ଥାଏ। ଗୁରୁ ଶିଷ୍ୟକୁ ଶିଷ୍ୟ କରିବାପାଇଁ ପରୀକ୍ଷା ନିଅନ୍ତି ଏବଂ ସେହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ସଦ୍‌ଗୁରୁ ଉପଲବ୍ଧ ହୋଇଥାନ୍ତି।

ଭାରତୀୟ ସଂସ୍କୃତିରେ ଗୁରୁ ଓ ଶିଷ୍ୟର ପରମ୍ପରା ଅତ୍ୟନ୍ତ ପାବନ ମାନିଥାନ୍ତି। ଗୁରୁଙ୍କ ମହିମାର ବର୍ଣ୍ଣନା ପ୍ରାଚୀନ ଶାସ୍ତ୍ରରେ ମଧ୍ୟ କୁହା ହୋଇଛି। ଗୁରୁ ସାକ୍ଷାତ ପରଂବ୍ରହ୍ମଙ୍କ ସ୍ୱରୂପ ଅଟନ୍ତି। ସେଥିପାଇଁ ଆମ୍ଭେମାନେ ଭଗବାନଙ୍କ ପୂର୍ବରୁ ଗୁରୁଙ୍କ ବନ୍ଦନା କରିଥାଉ।

ଜୀବନର ପ୍ରଥମ ଗୁରୁ ଆମର ମାତା ଓ ପିତା। ଗୁରୁ ସେହି ଯାହାଙ୍କୁ ଦେଖିବାମାତ୍ରେ ମନ ମଧ୍ୟରେ ପ୍ରଣାମ କରିବାର ଭାବ ଉଦ୍ରେକ ହୋଇଥାଏ। ତାଙ୍କ ସମୀପରେ ବସି ଆମ ଦୁଷ୍ଟାମୀର ଦୁର୍ଗୁଣକୁ ଦୂର କରିଥାଉ। ଗୁରୁ ଏକ ଶକ୍ତି, କରୁଣାମୟ ଦାତା ଏବଂ ଜ୍ଞାନର ପୁଂଜ ଅଟନ୍ତି। ଯାହାଙ୍କ ସାହାଯ୍ୟରେ ଆମ ଅନ୍ତଃସ୍ଥ ଆଧ୍ୟାତ୍ମିକ ଚେତନାକୁ ଜାଗୃତ କରାଇ ସତ୍ୟ ସହ ସାକ୍ଷାତ୍କାର କରାଇଥାନ୍ତି। ଗୁରୁଙ୍କ ସାନ୍ନିଧ୍ୟରେ ଜୀବନର ଦଶା ଓ ଦିଗ ବି ପରିବର୍ତ୍ତନ ହୋଇଯାଇଥାଏ।

ନିଜର ବିଲକ୍ଷଣ ପ୍ରତିଭା ଓ ଓଜସ୍ୱୀ ବାଣୀଦ୍ୱାରା ଭାରତୀୟ ସଂସ୍କୃତିର ପରିଚୟ ସଂପୂର୍ଣ୍ଣ ବିଶ୍ୱ ଦରବାରରେ ପ୍ରଚାରିତ କରିଥିବା ସ୍ୱାମୀ ବିବେକାନନ୍ଦଙ୍କୁ ଯେବେ ଗୁରୁ ଶ୍ରୀରାମକୃଷ୍ଣଙ୍କ ଆଶୀର୍ବାଦ ମିଳିଲା ସେବେଠାରୁ ସେ ନରେନ୍ଦ୍ରନାଥରୁ ସ୍ୱାମୀ ବିବେକାନନ୍ଦ ନାମରେ ପ୍ରସିଦ୍ଧି ହେଲେ। ସେହିପରି ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ଶିକ୍ଷା, ପ୍ରେରଣା ଓ ଆଶୀର୍ବାଦ ଅର୍ଜ୍ଜୁନଙ୍କୁ ସର୍ବଶ୍ରେଷ୍ଠ ଧନୁର୍ଦ୍ଧର କରିପାରିଥିଲା। ହେଲେ ବର୍ତ୍ତମାନ ସମୟରେ ବାରମ୍ବାର ନୈତିକ ମୂଲ୍ୟର ତଳ ଉପରେ ହୋଇ ଚାଲିଛି। ଗୁରୁ-ଶିଷ୍ୟଙ୍କ ପବିତ୍ର ସମ୍ପର୍କ ମଧ୍ୟରେ ମଧ୍ୟ ଏହା ସ୍ପଷ୍ଟରୂପେ ଦେଖିବାକୁ ମିଳୁଛି। ସେହିଭଳି ଗୁରୁମାନଙ୍କର ସମାଜରେ ଆବଶ୍ୟକତା ଥାଏ ଯେଉଁମାନଙ୍କଠାରେ ଦୟା, କ୍ଷମା, ସଦାଚାର ଭଳି ମାନବୀୟ ମୂଲ୍ୟବୋଧର ପ୍ରତିନିଧିତ୍ୱ କରିବା ସହିତ ଧୈର୍ଯ୍ୟ, ତ୍ୟାଗ ଓ ବିବେକଶୀଳ ଭଳି ସଦଗୁଣ ମାଧ୍ୟମରେ ଶିଷ୍ୟକୁ ଅନ୍ଧକାରରୁ ବାହାର କରି ପ୍ରକାଶ ନିକଟକୁ ନେଇପାରିବେ। ଏହିଭଳି ସଦଗୁରୁଙ୍କ ପବିତ୍ର ବାଣୀରେ ମନର ବିକାର ସମାପ୍ତ ହୋଇଯାଇଥାଏ। ଅନନ୍ତ ଶାନ୍ତି ଅନୁଭୂତି ହୋଇଥାଏ।

ମାନବ ମନ ମଧ୍ୟରେ ବ୍ୟାପ୍ତ ବିଷ ରୂପୀ ଖରାପ କାର୍ଯ୍ୟକୁ ଦୂର କରିବାପାଇଁ ଗୁରୁଙ୍କର ବିଶେଷ ଯୋଗଦାନ ରହିଥାଏ। ପରନ୍ତୁ ସଦଗୁରୁ ଭାଗ୍ୟରେ ଥିଲେ ମିଳନ୍ତି। ସଦଗୁରୁଙ୍କ ଶିଷ୍ୟ ଖୋଜିବାକୁ ପଡ଼େନାହିଁ ବରଂ ତାଙ୍କୁ ଆପେ ଆପେ ପ୍ରାପ୍ତ ହୋଇଯାଏ। ଗୁରୁ ମଧ୍ୟ ନିଜ ଜ୍ଞାନର ଭଣ୍ଡାରକୁ ସୁରକ୍ଷିତ ବ୍ୟକ୍ତି ପାଖରେ ସମର୍ପଣ କରି ସନ୍ତୁଷ୍ଟ ହୋଇ ପରମାନନ୍ଦ ଅନୁଭୂତି ପ୍ରାପ୍ତ କରନ୍ତି। ଶିଷ୍ୟର ସମର୍ପଣ ଓ ଶ୍ରଦ୍ଧା ଭାବକୁ ଦେଖି ଗୁରୁଙ୍କର ଅନ୍ତର୍ମନ ଆଶ୍ୱସ୍ତ ହୁଏ। ଶିଷ୍ୟର ତ୍ରୁଟିକୁ ଧର୍ଯ୍ୟ ପୂର୍ବକ ଶୁଣି ତାକୁ ଦିବ୍ୟ ଜ୍ଞାନ ପ୍ରଦାନ କରନ୍ତି। ସୌଭାଗ୍ୟକ୍ରମେ ସ୍ୱୟଂସିଦ୍ଧ ଗୁରୁଙ୍କ ସଂରକ୍ଷଣ ଯେଉଁ ଶିଷ୍ୟଙ୍କୁ ପ୍ରାପ୍ତ ହୋଇଯାଏ ତାଙ୍କ ଜୀବନରେ ସଙ୍କଟରୂପୀ କଳାମେଘ ଘଟିବା ପରିବର୍ତ୍ତେ ଅବିଚଳିତ ମନରେ ନିଜର ସବୁ କାର୍ଯ୍ୟ ସମ୍ପାଦନ କରିବାରେ ସକ୍ଷମ ହୋଇଥାନ୍ତି।

# କମ୍ ବଜେଟ୍‌ରେ ଭ୍ରମଣ

ଆଜିର ସମୟ ଅଧିକାଂଶ ଭ୍ରମଣକାରୀ ସଂସ୍ଥା ବିଭିନ୍ନ ବଜେଟ୍‌ରେ ଗ୍ରାହକଙ୍କୁ ଦେଶବିଦେଶରେ ଭ୍ରମଣ କରାଇବାର ସୁଯୋଗ ଦେଉଛି । ମଧବିତ୍ତ ଓ ଧନିକ ବର୍ଗର ଲୋକ ନିୟମିତ ଭାବେ ବିଦେଶର ରାଇଜ ଭ୍ରମଣ କରୁଥିବାର ଦେଖାଯାଉଛି । କେବଳ ଯେ ବିଦେଶରେ ସୁନ୍ଦର ସହର ଓ ଭ୍ରାମ୍ୟମାଣ ସ୍ଥାନ ଅଛି, ତା'ନୁହେଁ, ବରଂ ଆମ ଭାରତରେ ମଧ ପ୍ରକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ସଂଖ୍ୟାଧିକ ସ୍ଥାନମାନନ ରହିଛି ।

◆ ଯେପରି ହିମାଚଳ ପ୍ରଦେଶର ଛୋଟ ହିଲ୍ ଷ୍ଟେସନ୍ ମଣ୍ଡିକୁ ଭାରତର ସ୍କଟଲାଣ୍ଡ ଭାବେ ଜଣାଯାଏ । ଇଂରେଜ ଶାସନ ସମୟରେ ଏହି ସ୍ଥାନରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିଥିଲା । ତତ୍କାଳୀନ ଭାଇସରଏ ହିଁ ମଣ୍ଡି ଭ୍ରମଣ ସମୟରେ ଏହାର ସୌନ୍ଦର୍ଯ୍ୟକୁ ସ୍କଟଲାଣ୍ଡ ସହ ତୁଳନା କରିଥିଲେ । ଆଜିର ସମୟରେ ଏଠାରେ ସୁଲଭ ମୂଲ୍ୟରେ ଶସ୍ତା ଠାରୁ ମହରଗ ହୋଟେଲମାନ ମିଳିଯାଉଛି । ଆମ ଦେଶର ଲୋକ ବିଦେଶକୁ ଛୁଟି କାଟିବା ପାଇଁ ଯାଉଥିବା ବେଳେ ଅଧିକାଂଶ ଇଉରୋପୀୟ ପର୍ଯ୍ୟଟକ ମଣ୍ଡିକୁ ଛୁଟି କାଟିବା ପାଇଁ ଆସିଥାନ୍ତି ।



◆ ଆମ ଦେଶର ଖୁବ୍ କମ୍ ଲୋକ ଯାଣିଥିବେ ଯେ, ସିକ୍କିମ୍‌ସ୍ଥିତ ଗୁରୁଡୋଙ୍ଗମର୍ ହ୍ରଦ ବିଶ୍ୱସ୍ତରରେ ଲୋକପ୍ରିୟ । ସମୁଦ୍ର ପତ୍ତନଠାରୁ ୧୭ ହଜାର ଫୁଟ୍ ଉପରେ ଥିବା ଏଇ ହ୍ରଦର ସୌନ୍ଦର୍ଯ୍ୟ ଆଖିରେ ନ ଦେଖିଲେ ବିଶ୍ୱାସ କରିହେବନି । କିଛି ମାସ ତଳେ କାନାଡାରୁ ୧୨ଜଣିଆ ଗବେଷକଦଳ ଭ୍ରମଣ ପାଇଁ ଏଠାକୁ ଆସିଥିଲେ । ସେମାନଙ୍କ ମତରେ, ଆଇସଲ୍ୟାଣ୍ଡ ଯିବା ପରିବର୍ତ୍ତେ କମ୍ ବଜେଟ୍‌ରେ ଏଇ ସ୍ଥାନରେ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ଉଚିତ ।



◆ ଲଦାଖ, ଏହା ଅନ୍ୟତମ ସ୍ଥାନ ଯେଉଁଠାରେ ବିଦେଶୀ ପର୍ଯ୍ୟଟକଙ୍କ ଭିଡ ଖୁବ୍ ଜମିଥାଏ । ବାଇକିଂ କରିବାକୁ ଚାହୁଁଥିଲେ କିମ୍ବା ପାହାଡ ଉପରେ କ୍ୟାମ୍ପିଂ କରିବାକୁ ଚାହୁଁଥିଲେ, ଅତିବେଶୀରେ ୬ ହଜାର- ୧୨ ହଜାର ଟଙ୍କା ମଧରେ ଖର୍ଚ୍ଚ ହୋଇଥାଏ ବୋଲି ଭ୍ରମଣକାରୀ ସଂସ୍ଥାଙ୍କ ମତ ।

# ଜଳବାୟୁ ପରିବର୍ତ୍ତନରେ ଖାଦ୍ୟରୁ ପୌଷ୍ଟିକତା ହ୍ରାସ

ଖାଦ୍ୟ ପ୍ରସ୍ତୁତି ସମୟରେ ଗଛ ଅଙ୍ଗାରକାମ୍ଳ ଗ୍ରହଣ କରି ସୂର୍ଯ୍ୟକିରଣରୁ ଶକ୍ତି ସଂଗ୍ରହ କରିଥାଏ। ଜଳବାୟୁ ପରିବର୍ତ୍ତନ ହେତୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବୃଦ୍ଧି ପାଇବାରେ ଲାଗିଛି। କେତେକଙ୍କ ମନରେ ଆସେ ଯେ ଅଙ୍ଗାରକାମ୍ଳ ବୃଦ୍ଧି ହେତୁ ଫସଲ ଉତ୍ପାଦନ ଅଧିକ ହେବ, ହେଲେ ଏହା ଭୁଲ ବୋଲି ଏକ ଗବେଷଣାରୁ ଜଣାପଡ଼ିଛି। ଆମେରିକା, ଅଷ୍ଟ୍ରେଲିଆ ଓ ଜାପାନର ବୈଜ୍ଞାନିକ ମିଳିତ ଭାବେ ଅଧ୍ୟୟନ ପରେ ଏହା ଭୁଲ୍ ବୋଲି ପ୍ରମାଣିତ କରିଛନ୍ତି। ସେମାନେ କହିଛନ୍ତି ଯେ, ଏହିଭଳି ଅଙ୍ଗାରକାମ୍ଳ ବୃଦ୍ଧି ପାଇଲେ ମୁଖ୍ୟ ଖାଦ୍ୟରୁ ପୌଷ୍ଟିକତା ହ୍ରାସ ପାଇବ। ବିଶେଷକରି ଗହମ, ମକା, ସୋୟାବିନ୍ ଓ ଚାଉଳରୁ ପୌଷ୍ଟିକତା, ଲୌହ ଓ ଜିଙ୍କ ଭିଟାମିନ୍ ହ୍ରାସ ପାଇବ। ୨୦୫୦ ବେଳକୁ ଏହି ସମସ୍ୟା ଅତି ମାତ୍ରରେ ବୃଦ୍ଧି ପାଇବ।

# ପ୍ରମୁଖ ଶିକ୍ଷା ପ୍ରତିଷ୍ଠାନ

କେତେକ ବିଶ୍ୱବିଦ୍ୟାଳୟରେ ପିଜି ସ୍ତରରେ ମୁଖ୍ୟ ରୂପରେ ମ୍ୟୁଜିଓଲୋଜିକୋର୍ସ ଅଫର କରାଯାଉଛି । ସେମାନଙ୍କ ମଧ୍ୟରେ ଏମ୍‌ଏସ୍ ୟୁନିଭର୍ସିଟି ଅଫ୍ ବରୋଦା, ବନାରସ ହିନ୍ଦୁ ୟୁନିଭର୍ସିଟି (ବିଏଚ୍‌ୟୁ), ୟୁନିଭର୍ସିଟି ଅଫ୍ କୋଲକାତା, ନ୍ୟାସନାଲ ମ୍ୟୁଜିୟମ ଇନ୍‌ଷ୍ଟିଚ୍ୟୁଟ୍, ଆଲଗଡ ମୁସ୍‌ଲିମ ୟୁନିଭର୍ସିଟି, ରବିନ୍ଦ୍ର ଭାରତୀ ୟୁନିଭର୍ସିଟି (ସେଲ୍‌ଫ ଫାଇନାନ୍ସ), ଦିଲ୍ଲୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେରିଟେଜ ରିସର୍ଚ୍ଚ ଆଣ୍ଡ ମ୍ୟାନେଜମେଣ୍ଟ ସାମିଲ ରହିଛି । ଏହାବ୍ୟତୀତ କେତେକ ୟୁନିଭର୍ସିଟିରେ ସେଣ୍ଟର୍ସ ଅଫ୍ ମ୍ୟୁଜିଓଲୋଜି ବିଭାଗ ରହିଛି । ଯେପରିକି କଣ୍ଣୁ ୟୁନିଭର୍ସିଟି (ସିବିସିଏସ୍ ଅଧିନରେ ମ୍ୟୁଜିଓଲୋଜିର ଅପଶନାଲ ପେପର), ରାଜସ୍ଥାନ ୟୁନିଭର୍ସିଟି, ଆସାମ ୟୁନିଭର୍ସିଟି (ସିଲଚର୍ କ୍ୟାମ୍ପସ) ଆଦି ରହିଛି ।



### ନିଯୁକ୍ତି ସମ୍ଭାବନା

କୋର୍ସ ଶେଷ ହେବା ରାଷ୍ଟ୍ରୀୟ ସଂଗ୍ରହାଳୟ, ଆର୍କିଓଲୋଜିକାଲ ସଂଗ୍ରହାଳୟ, ଆର୍ଟ ଗ୍ୟାଲେରୀ ଆଦିରେ ନିଯୁକ୍ତି ମିଳିଯିବ । ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର କ୍ୟୁରେଟର, ଡେପୁଟି କ୍ୟୁରେଟର, ରିସର୍ଚ୍ଚ ଆସୋସିଏଟ, ମ୍ୟାନେଜର ଆଦି ରୂପରେ ନିଯୁକ୍ତି ପାଇପାରିବେ । ଏହାବ୍ୟତୀତ ଘରୋଇ କ୍ଷେତ୍ରରେ ମଧ ଅନେକ ରୋଜଗାର ସୁଯୋଗ ରହିଛି ।



### ବେତନ

ମ୍ୟୁଜିଓଲୋଜିର ଡିଗ୍ରୀଧାରୀଙ୍କ ଦରମା ୨୫ ହଜାରରୁ ଆରମ୍ଭ କରି ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଯାଇପାରେ । ଅଭିଜ୍ଞତା ଭିତ୍ତିରେ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦରମା ମିଳିପାରେ ।





# ବାସ୍ତୁ ଅନୁସାରେ ପିଲାଙ୍କ ପଢ଼ା ଗୃହ

ପ୍ରତ୍ୟେକ ଅଭିଭାବକ ନିଜ ପିଲାଙ୍କ ପାଠପଢା ସମ୍ପର୍କରେ ଖୁବ୍ ସଚେତନ । ବାସ୍ତୁବିତ୍‌ଙ୍କ ମତରେ କେତୋଟି ନିୟମ ପାଳିଲେ ପିଲାଙ୍କ ପାଠପଢାରେ କୌଣସି ଅସୁବିଧା ଉପୁଜେନାହିଁ ।

◆ ପଢ଼ିବା ନିମନ୍ତେ ସବୁଠୁ ଉତ୍ତମ ଦିଗ ହେଉଛି ଉତ୍ତର ଓ ପୂର୍ବ । ପିଲାଙ୍କ ପଢ଼ା ଟେବୁଲ ଏହି ଦିଗରେ ରଖିବା ଉତ୍ତମ ପ୍ରଭାବ ପକାଇଥାଏ ।

◆ ପଢ଼ା ଟେବୁଲ ସମ୍ମୁଖରେ ଏକ ଝରକା ଥିବା ମଧ ଉତ୍ତମ । ନୂଆ କରି ଘର ଆରମ୍ଭ କରୁଥିଲେ, ଏ ବାବଦରେ ଜାଣିରଖନ୍ତୁ । ଝରକା ଖୋଲା ରଖିଲେ ଘରୁ ନକାରାତ୍ମକ ଶକ୍ତି ଦୂର ହୁଏ ।

◆ ଘରେ ବିମ୍ ଥିଲେ, ପଢ଼ା ଟେବୁଲ୍ ତା' ତଳେ ରଖିବା ନକାରାତ୍ମକ ଶକ୍ତି ବୃଦ୍ଧି କରେ ।

◆ ଚତୁର୍ଭୁଜ ଆକାରରେ ପଢ଼ା ଟେବୁଲରେ ପିଲା ପଢିବା ଉଚିତ, ଗୋଲାକାର ଟେବୁଲ ଘରେ ଥିଲେ ମଧ ପିଲାଙ୍କ ପଢା ପାଇଁ ଏହା ଆଦୌ ଉଦ୍ଦିଷ୍ଟ ନୁହେଁ ।






# ଧୈର୍ଯ୍ୟରେ ଆଗୁଆ ମହିଳା

ଫିନ୍‌ଲ୍ୟାଣ୍ଡର ଗବେଷକସମୂହ ବିଶ୍ୱର ପ୍ରମୁଖ ରାଷ୍ଟ୍ରର ୩୦ ହଜାରରୁ ଅଧିକ ଲୋକଙ୍କୁ ସାମିଲ କରି ଏକ ଗବେଷଣା କରିଥିଲେ । ୯ବର୍ଷ ଅନୁଧାନ କରିବା ପରେ ସେମାନେ ନିଜ ମତାମତ ପ୍ରକାଶ କରିଛନ୍ତି । ଉଭୟ ପୁରୁଷ ଓ ମହିଳା ଏଥିରେ ସାମିଲ ଥିଲେ । ୨୦ ବର୍ଷ ବୟସରୁ ୬୦ ବର୍ଷ ବୟସର ଲୋକ ଅନ୍ତର୍ଗତ ଥିବାବେଳେ ପାରିବାରିକ ସମ୍ପର୍କକୁ ନେଇ ହିଁ ଅନୁଧାନ କରାଯାଇଥିଲା ।

■ ବିଶେଷଜ୍ଞଙ୍କ ମତରେ ମହିଳାମାନେ ବେଶ୍ ଭାବୁକ । ବିଭିନ୍ନ ପରିସ୍ଥିତିରେ କଷ୍ଟ ହେବା ସତ୍ତ୍ୱେ ନିଜ ପରିବାର ପାଇଁ ଏମାନେ ଦୃଢ ପଦକ୍ଷେପ ନେବାକୁ ଆଦୌ ପଛାଇନଥାନ୍ତି ।

■ ଅନ୍ୟପାଖେ ୩୦-୪୦ ବର୍ଷ ବୟସର ମହିଳାମାନେ ହିଁ ନିଜ ଲୋକଙ୍କ ଠାରୁ ଅଧିକାଂଶ ସମୟରେ ଧୋକା ପାଇଥାନ୍ତି । ନିଜ ବୁଦ୍ଧିରେ ମହିଳାମାନେ ପରିବାର ସଜାଡିବାକୁ ଯଥାସାଧ ଚେଷ୍ଟା କରି ବିଫଳ ହେବା ପରେ ଶେଷରେ ଆତ୍ମହତ୍ୟାକୁ ହିଁ ସମାଧାନ ବୋଲି ଗ୍ରହଣ କରିନେଇଥାନ୍ତି ।





■ ଗବେଷକଙ୍କ ମତରେ ୯୦% ମହିଳାଙ୍କ ମତ ଯେ ସେମାନେ ସ୍ୱାମୀଙ୍କ ସମସ୍ତ ଜିଦ୍, ଭୁଲ ନିଷ୍ପତ୍ତିକୁ ଗ୍ରହଣ କରିନିଅନ୍ତି, ହେଲେ ପରକୀୟା ପ୍ରୀତିକୁ କୌଣସି ବର୍ଗର ମହିଳା ସହଜରେ କ୍ଷମା କରିପାରନ୍ତିନାହିଁ । ଏ କ୍ଷେତ୍ରରେ ମଧ ସେମାନେ ନିଜର ପରାକାଷ୍ଠା ଦେଖାନ୍ତି, ବାରମ୍ବାର ବିଫଳ ହେବା ପରେ ଅନ୍ୟତ୍ର ଚାଲିଯିବାର ମହିଳାମାନେ ଦୃଢ ନିଷ୍ପତ୍ତି ନେଉଥିବାର ବିଭିନ୍ନ ଘଟଣାରେ ଦେଖାଯାଇଛି ।

# ଘରୋଇ ଜିନିଷକୁ ନେଇ ସତର୍କତା

ଅଧିକାଂଶ ଲୋକେ ନିଜ ଘରର ଜିନିଷକୁ ନେଇ ବେଶ୍ ସଚେତନ ଥାନ୍ତି ହେଲେ କେତେଜଣ ମଧ୍ୟ ଘରେ ବ୍ୟବହୃତ ହେଉଥିବା ଜିନିଷର କୁପ୍ରଭାବ ଜାଣିଥାନ୍ତି। ଏକ ସର୍ବେକ୍ଷଣରୁ ଜଣାପଡ଼ିଛି, କେତେପ୍ରକାର ଧୂପକାଠିରେ କାର୍ବନ ମନୋକ୍ସାଇଡ, ସଲଫର ଡାଇଅକ୍ସାଇଡ଼ ଭଳି ବିଷାକ୍ତ ଦ୍ରବ୍ୟ ବ୍ୟବହୃତ ହୋଇଥାଏ। ଏହିସବୁ କାରଣରୁ ଅନେକଙ୍କ ଶ୍ୱାସ ସଂକ୍ରମଣ ହେଉଥିବାର ଜଣାପଡ଼ିଛି। ରୁମ୍ ହିଟର ବ୍ୟବହୃତ କରୁଥିବା ଲୋକେ ବେଶ୍ ସତର୍କ ରହିବା ଉଚିତ। କାରଣ ଏହା କକ୍ଷରେ ଅମ୍ଳଜାନର ମାତ୍ରାକୁ ନିୟନ୍ତ୍ରଣ କରେ। ପୂରାରାତି ଏହି ଯନ୍ତ୍ରକୁ ଲଗାଇ ଶୋଇବା ହାନିକାରକ। ମହମବତୀର ବ୍ୟବହାର ଶୋଇବାବେଳେ ନକରିବା ଉଚିତ। ଏଥିରେ ମହଜୁଦ ଥିବା ବେଞ୍ଜିନ ପରି ବିଷାକ୍ତ ପଦାର୍ଥ ନିଶ୍ୱାସପ୍ରଶ୍ୱାସରେ ବାଧା ଉତ୍ପନ୍ନ କରେ। ଆଜିକାଲି ଏୟାର ଫ୍ରେଶନରର ବହୁଳ ବ୍ୟବହାର ହେଉଥିବାର ଦେଖାଯାଉଛି। ଏଥିରେ ଥିବା ତତ୍ତ୍ୱମାନ ହରମାନ ଅସମତୁଲତା ସହ ନିଶ୍ୱାସ ପ୍ରକ୍ରିୟାକୁ ପ୍ରଭାବିତ କରେ। ନିକଟରେ ହୋଇଥିବା ସର୍ବେକ୍ଷଣରୁ ପ୍ରକାଶିତ ଯେ କପଡ଼ାକୁ ଡ୍ରାଏ-କ୍ଲିନ୍ କରିବା ପାଇଁ ପରଫ୍ଲୋରୋଇଥିଲିନ ରାସାୟନିକ ଦ୍ରବ୍ୟ ବ୍ୟବହାର କରାଯାଏ। ଏହା ଯକୃତ, ବୃକକ ତଥା ନର୍ଭସ ସିଷ୍ଟମକୁ ପ୍ରଭାବିତ କରେ।

# ମେକ୍ ଅପ୍ ଟିପ୍‌ସ

ଅନେକ ଚଷମାକୁ ମହିଳାଙ୍କ ସୌନ୍ଦର୍ଯ୍ୟ କ୍ଷେତ୍ରରେ ପ୍ରତିବନ୍ଧକ ମନେକରନ୍ତି । ତେବେ, ଏହି ଧାରଣା ଭ୍ରମାତ୍ମକ । ଚମଷମା ପିନ୍ଧୁଥିଲେ ବି ମେକ ଅପ୍ ନେବାରେ କୌଣସି ସମସ୍ୟା ନାହିଁ । ଆଖିରେ ଦୁଇ ପରସ୍ତ ମସକରା ସହ ଆଇଲେସ୍ ବ୍ୟବହାର କରନ୍ତୁ ।

ନିୟମିତ ବ୍ୟବଧାନରେ ଭ୍ରୁଲତାର ଥ୍ରେଡିଂ କରାନ୍ତୁ । ମୋଟା ଫ୍ରେମବାଲା ବଡ଼ ଚଷମା ପିନ୍ଧୁଥିଲେ, ଭ୍ରୁଲତା ପତଳା କରନ୍ତୁ ଏବଂ ବିପରୀତ ପିନ୍ଧୁଥିବା ମହିଳାଙ୍କ ଆଖି ତଳେ, କଡ଼ରେ କଳା ଦାଗ ଦିଶିବା ସାଧାରଣ । ଏହା ଦ୍ୱାରା ବିଚଳିତ ନ ହୋଇ କନସିଲର ବ୍ୟବହାର କରନ୍ତୁ । କଳା ପେନସିଲ ଲାଇନର ପାଖରେ ରଖନ୍ତୁ । ଚଷମାବାଲୀମାନେ ଲିପଷ୍ଟିକ୍, ଲିପଗ୍ଲସ ଓ ବ୍ଲସର ବ୍ୟବହାର କରିବାକୁ ଭୟ କରନ୍ତୁନାହିଁ ।

# ମୟୂରଭଞ୍ଜ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

## ମୋଟ ୪୪୪ଟି ବିଭିନ୍ନ ମାମଲାର ଫଇସଲା ହୋଇ ୨କୋଟି ୭୧ଲକ୍ଷ ୯୬ ହଜାର ୨୩୭ ଟଙ୍କା ଆଦାୟ

ବାରିପଦା, ୨୦।୧୨ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାରିପଦାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲ୍ଲା ଦୌରା ଜଜ୍ କାର୍ଯ୍ୟାଳୟ ପରିସରରେ ତା.୧୯.୧୨.୨୦୨୦ ରିଖରେ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ସଂଜୟ ରଞ୍ଜନ ବହିଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକ ଅଦାଲତରେ ପ୍ରି ଲିଟିଗେସନ୍ ସମ୍ବନ୍ଧୀୟ ୩୮୬ ଟି ବ୍ୟାଙ୍କ ଋଣ ଆଦାୟ ମାମଲା, ଫୌଜଦାରୀ, ବୈବାହିକ ଓ ଅନ୍ୟାନ୍ୟ ବିବାଦୀୟ ଦେୱାନୀ ସମ୍ବନ୍ଧୀୟ ୬ ଟି ମାମଲାର ଫଇସଲା କରାଯାଇ ମୋଟ ୧ କୋଟି ୬୭ ଲକ୍ଷ ୬୬ ହଜାର ୩୯୪ ଟଙ୍କା ଆଦାୟ କରାଯାଇଥିବାବେଳେ ସେହିପରି ବକେୟା ଥିବା ବିଭିନ୍ନ ଶ୍ରେଣୀ ଭୁକ୍ତ ମାମଲା ମଧ୍ୟରେ ଫୌଜ୍‌ଦାରୀ ୪ ଟି, ଏନ୍‌ଆଇ ଆକ୍ଟ ଧାରା ୧୩୮ ଅନ୍ତର୍ଗତ ୯ଟି ମାମଲା, ବ୍ୟାଙ୍କ ଋଣ ଆଦାୟ ୭ଟି ମାମଲା, ଏମ୍‌ଏସିଟି ମାମଲା ୧୦ଟି, ବୈବାହିକ ବିବାଦ ୧୨ଟି, ଅନ୍ୟାନ୍ୟ ଦେୱାନୀ ମାମଲା ୫ଟି ଏବଂ ଅନ୍ୟାନ୍ୟ ୫ ଟି ଫୌଜଦାରୀ ମାମଲା ସମେତ ମୋଟ୍ ୫୨ ଟି ମାମଲାର ଫଇସଲା କରାଯାଇ ୧ କୋଟି ୪ ଲକ୍ଷ ୨୯ ହଜାର ୮୪୩ ଟଙ୍କା ଆଦାୟ କରାଯାଇଥିବା ବେଳେ ସର୍ବମୋଟ୍ ୪୪୪ଟି ବିଭିନ୍ନ ମାମଲାର ଫଇସଲା ହୋଇ, ୨କୋଟି ୭୧ଲକ୍ଷ ୯୬ ହଜାର ୨୩୭ ଟଙ୍କା ଆଦାୟ ହୋଇଥିବା ଜଣାପଡିଛି। ଅନୁଷ୍ଠିତ ଏହି ଲୋକ ଅଦାଲତରେ ସଂପୃକ୍ତ ବିଚାରପତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ତୁଲାଇଥିଲେ। ଏଥିରେ ଏସ୍‌ବିଆଇ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ପିଏନ୍‌ବି, ଇଣ୍ଡିଆନ୍ ଅଭରସିଜ୍ ଓ ଏଚ୍‌ଡିଏଫ୍‌ସି ଆଦି ବିଭିନ୍ନ ରାଷ୍ଟ୍ରାୟତ / ଘରୋଇ ବ୍ୟାଙ୍କର ବ୍ୟାଙ୍କ ଅଧିକାରୀ / ସଂପୃକ୍ତ ବିଭାଗ ଅଧିକାରୀ ତଥା କର୍ମଚାରୀ ମାନେ ସହଯୋଗ କରିଥିଲେ।



# ଗୁଣିଗାରେଡି ସନ୍ଦେହରେ ନାରକୀୟ ହତ୍ୟାକାଣ୍ଡ

ମାଲକାନଗିରି,୨୦।୧୨ (ନି.ପ୍ର): ଗୁଣି ଗାରେଡ଼ି ସନ୍ଦେହରେ ଗଳାକାଟି ବିଭତ୍ସ ହତ୍ୟା । ମାଲକାନାଗିରି ଜିଲ୍ଲା ପଡ଼ିଆ ବ୍ଲକ ନନ୍ଦାଗୁଡା ଗାଁରେ ହତ୍ୟାକାଣ୍ଡ ଘଟିଛି । ଜଣେ ବ୍ୟକ୍ତିଙ୍କୁ ଗଳାକାଟି ହତ୍ୟା କରିବା ପରେ ପ୍ରମାଣ ନଷ୍ଟ ପାଇଁ ଉଦ୍ୟମ କରାଯାଇଛି । ମୃତ ବ୍ୟକ୍ତିଙ୍କ ମୁଣ୍ଡକୁ ପୋଡ଼ି ଦିଆଯାଇଥିବା ବେଳେ ଶରୀରର ଅବଶିଷ୍ଟ ଅଂଶକୁ ଶାବେରୀ ନଦୀ କୂଳରେ ପୋତି ଦେଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ ଶନିବାର ବିଳମ୍ବିତ ରାତିରେ ନନ୍ଦାଗୁଡା ଗାଁର କିଛି ଲୋକ କାରାମ କାନାଙ୍କୁ ଘରୁ ଡାକି ଆଣି ଘର ଏକ ଦାଆ ସାହାଯ୍ୟରେ ଗଳା କାଟି ହତ୍ୟା କରିଥିଲେ । ଏହା ପରେ ପ୍ରମାଣ ନଷ୍ଟ ପାଇଁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘର ଠାରୁ ବୋହି ୨ କିଲୋମିଟର ଦୂରରେ ଥିବା ଶାବେରୀ ନଦୀ କୂଳରେ ମୁଣ୍ଡକୁ ଶରୀରରୁ ଅଲଗା କରି ପୋଡ଼ି ଦେଇଥିଲେ । ମୃତଦେହର ଅବଶିଷ୍ଟ ଅଂଶକୁ ନଦୀ କୂଳରେ ଥିବା ବାଲିପଠାରେ ପୋତି ଦେଇଥିଲେ । ସକାଳେ ମୃତକଙ୍କ ସ୍ତ୍ରୀ କାରାମ ଭିମେ ପଡିଆ ଥାନାରେ ଅଭିଯୋଗ କରିବା ପରେ ଥାନା ଅଧିକାରୀଙ୍କ ନେତୃତ୍ୱରେ ପୋଲିସ୍ ଛାନଭିନ୍ ଆରମ୍ଭ କରିଥିଲା । ପୋତା ଯାଇଥିବା ଶରୀରର ଅବଶିଷ୍ଟକୁ ସାଇଂଟିଫିକ୍ ଟିମ୍ ଏକଜୁକ୍ୟୁଟିଭ୍ ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ନଦୀପଠାରୁ ବାଲି ଖୋଳି ଉଦ୍ଧାର କରାଯାଇଛି । ହତ୍ୟାରେ ସମ୍ପୃକ୍ତ ସନ୍ଦେହ କରି ଗାଁର କିଛି ଲୋକଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି ପୋଲିସ ।

## ବିଜେପି ପକ୍ଷରୁ ସମାଜସେବୀ ସ୍ୱ କୁଂଜବିହାରୀ ଦେଙ୍କ ଶ୍ରଦ୍ଧାଞ୍ଜଳି ସଭା

ଜଳେଶ୍ୱର, ୨୦/୧୨ (ନିପ୍ର): ସମାଜସେବୀ ସ୍ୱର୍ଗତ କୁଂଜବିହାରୀ ଦେଙ୍କ ଦଶାହ ଉପଲକ୍ଷେ ଏକ ସ୍ମୃତିସଭା ଜଳେଶ୍ୱରସ୍ଥିତ ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି। ବିଜେପି ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ପୌରହିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ମିଡିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ, ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ଅଧ୍ୟାପକ ବିପିନ ବିହାରୀ ବିଶ୍ୱାଳ, ହାଇକୋର୍ଟ ଆଇନ୍‌ଜୀବୀ ରାମଚନ୍ଦ୍ର ଜେନା, ଫାଲଗୁନୀ ପାଣିଗ୍ରାହୀ, ଆଦିତ୍ୟ ନାରାୟଣ ପାତ୍ର, ନଗେନ୍ଦ୍ର ପାତ୍ର, ରବିନ୍ଦ୍ର ପାତ୍ର, ହରିଶଂକର ଗିରି, ରଂଜନ ପାତ୍ର, ବ୍ରଜଗୋପାଳ ଜେନା, ସୌରୀ ଶଂକର ରଣା, ଅଜଂନ କୁମାର ଦାସ, ସଂଜୀବ ପ୍ରଧାନ, ସେକ୍ ସୁଲତାନ, ଭରତ ଧଳ, ସଂଜୟ ବେରା, ଅମୂଲ୍ୟ ସେନାପତି, ସୁରେଶ ହାଁସଦା, ଗୌରୀ ଶଂକର ଦଳାଇ, ମାନସ ଦାସ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିବା ସହିତ ତାଙ୍କର ବହୁବିଧ ଗୁଣ ସଂପର୍କରେ ଆଲୋଚନା କରିଥିଲେ ।

## ଡିଆରଡିଓଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ଭୁବନେଶ୍ୱର,୨୦।୧୨ (ନି.ପ୍ର): ଭାରତୀୟ ପ୍ରତିରକ୍ଷା ଗବେଷଣା ଓ ବିକାଶ ପ୍ରତିଷ୍ଠାନ ବାଲେଶ୍ୱରଠାରେ ଆଡ୍‌ଭାନ୍ସଡ୍ ଟୋଡ୍ ଆର୍ଟିଲାରି ଗନ୍ ସିଷ୍ଟମ୍ (ଏଟିଏଜିଏସ୍)ର ସଫଳ ପରୀକ୍ଷଣ କରିଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଡିଆରଡିଓଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।ଏସମ୍ପର୍କରେ ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି।

# ଖୋଲିଲା ଧାନକିଣା ମଣ୍ଡି




ଭଦ୍ରକ,୨୦।୧୨ (ନି.ପ୍ର): ସରକାରୀ ଦରରେ ଚାଷୀଙ୍କ ଠାରୁ ସରକାର ସିଧା ସଳଖ ପାକ୍ସ, ସ୍ୱୟଂ ସହାୟକ ଗୋଷ୍ଠୀ, ସେବା ସମବାୟ ଜରିଆରେ ଧାନ କ୍ରୟ କରୁଛନ୍ତି। ଯାହା ଦ୍ୱାରା ଚାଷୀ ତାର ଧାନର ଉପଯୁକ୍ତ ମୂଲ୍ୟ ପାଇବ। ଏଥିଲାଗି ଚାଷୀମାନେ ଅନ୍‌ଲାଇନ ଯୋଗେ ନାମ ପଞ୍ଜିକରଣ କରି ଟୋକନ ହାସଲ କରିଛନ୍ତି। ଚାଷୀଙ୍କ ଠାରୁ ସରକାର ସିଧାସଳଖ ଧାନ କ୍ରୟ କରିବାକୁ ପ୍ରତିଶୃତିବଦ୍ଧ। ବାହାର ଦଲାଲଙ୍କୁ ତରବରିଆ ଭାବେ ଧାନ ବିକ୍ରି ନ କରି ସରକାରୀ ଧାର୍ଯ୍ୟ ଦରରେ ସରକାରୀ ମଣ୍ଡିରେ ଧାନ ବିକିବାକୁ ସାଂସଦ ମଞ୍ଜୁଳତା ମଣ୍ଡଳ, ବିଧାୟକ ସଂଜୀବ ମଲ୍ଲିକ ପ୍ରମୁଖ କହିଛନ୍ତି। ଆଜି ଭଦ୍ରକ ବ୍ଲକ ଅର୍ଣ୍ଣପାଳ ପଞ୍ଚାୟତରେ ସରକାରୀ ଦରରେ ଧାନ କ୍ରୟ ପାଇଁ ମଣ୍ଡିର ଉଦ୍‌ଘାଟନ ହୋଇ ଯାଇଛି। ଜିଲ୍ଲାର ମୋଟ ୯୮ଟି ପାକ୍ସ ଓ ୫୪ଟି ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ୨୦୨୦-୨୧ ବର୍ଷ ପାଇଁ ଆଜିଠାରୁ ଧାନ କିଣିବା ଆରମ୍ଭ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସାଂସଦ ଶ୍ରୀମତୀ ମଣ୍ଡଳ, ବିଧାୟକ ଶ୍ରୀଯୁକ୍ତ ମଲ୍ଲିକ, ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରଘୁନାଥ ଲେଙ୍କା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମଳୟ ଜେନା, ଭଦ୍ରକର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ୟାମଭକ୍ତ ମିଶ୍ର, ଚାନ୍ଦବାଲି ଆର୍.ଏମ୍.ସି. ଓ ଭଦ୍ରକ ଆର୍.ଏମ୍.ସି.ର ସମ୍ପାଦକ, ସରପଞ୍ଚ ଅର୍ଣ୍ଣପାଳ, ସରପଞ୍ଚ ବିଷ୍ଣୁପୁରବିନ୍ଧା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।

## ରାଜ୍ୟରେ ଆଉ ୪ ଜଣଙ୍କର କରୋନାରେ ମୃତ୍ୟୁ, ମୃତ୍ୟୁ ସଂଖ୍ୟା ୧୮୩୬ ହେଲା

ଭୁବନେଶ୍ୱର,୨୦।୧୨ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୪ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୮୩୬ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆଜି ମୃତ୍ୟୁବରଣ କରିଥିବା କରୋନା ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା, ମୟୁରଭଂଜ, ସୁନ୍ଦରଗଡ ଓ ସମ୍ବଲପୁର . ଜିଲ୍ଲାର ଜଣେ ଜଣେ ଅଛନ୍ତି । ଭୁବନେଶ୍ୱରର ଜଣେ ୭୫ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ମୟୁରଭଂଜ ଜିଲ୍ଲାର ଜଣେ ୮୬ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି। ସେ ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ସମ୍ବଲପୁର ଜିଲ୍ଲାର ଜଣେ ୬୨ ବର୍ଷୀୟ ମହିଳା କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ସୁନ୍ଦରଗଡ ଜିଲ୍ଲାର ଜଣେ ୫୩ ବର୍ଷୀୟା କରୋନା ସଂକ୍ରମିତ ମହିଳାଙ୍କ ମୃତ୍ୟୁ ଘଟିଛି ।

## ଯାଜପୁରରେ ୨୪ ଘଂଟାରେ ୩୩୦ ଜଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୦।୧୨ (ନି.ପ୍ର): ଯାଜପୁର ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା, ସାମାଜିକ ଦୂରତ୍ୱ ନିୟମକୁ ନ ମାନିବା, ବାହାରେ ଛେପ ପକାଇବା ଓ ମୋଟର ଯାନ ଆଇନ ଭାଙ୍ଗିବା ଅଭିଯୋଗରେ ୩୩୦ ଜଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ସେମାନଙ୍କ ଠାରୁ ୧୬୫୦୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ବେଳେ ୧୧ ଜଣଙ୍କର ଡ୍ରାଇଭିଂଗ ଲାଇସେନ୍ସକୁ ନିଲମ୍ବିତ କରା ଯାଇଛି ।

# ଶୀତ ଆସର କବିତାପାଠ ଉତ୍ସବ : ପିଲାଙ୍କ କବିତା-୨ ପୁସ୍ତକ ଉନ୍ମୋଚନ ଓ ସମୀକ୍ଷା



ଡେଲାଙ୍ଗ,୨୦।୧୨ (ନି.ପ୍ର): ବଣିବକ୍ରେଶ୍ୱର ଦେବ ମନ୍ଦିର ପ୍ରାଙ୍ଗଣରେ ଆୟୋଜକ ଗୋପାଳଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଶୀତ ଆସର କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ ତଥା ସାରସ୍ୱତ ସାଧକ ସରୋଜିନୀ ଜେନା ଏବଂ ସାରସ୍ୱତ ସାଧକ ବିପିନ ବେହେରା ସ୍ୱର ସଂଯୋଜନା କରିଥିବା ବେଳେ ଲକ୍ଷ୍ମୀପ୍ରିୟା ଦାଶ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ଡେଲାଙ୍ଗ, ପୁରୀ, କଣାସ, ପିପିଲ, ଜଟଣୀ ରୁ ୫୦ରୁ ଉର୍ଦ୍ଧ କବି/କବୟତ୍ରୀ ଲକ୍ଷ୍ମୀଧର ଦଳାଇ, ସନ୍ତୋଷ କୁମାର ଦାସ, ଦମୟନ୍ତୀ ମଙ୍ଗରାଜ, ସତ୍ୟବାଦୀ ସାହୁ, ହୃଷିକେଷ ପାଢୀ, ପ୍ରଶାନ୍ତ କୁମାର ଦାଶ, ରୋହିତ କୁମାର ଚମ୍ପତି, ଲକ୍ଷ୍ମୀପ୍ରିୟା ଦାଶ, ପ୍ରଭାତ ସେଠୀ, କ୍ଷୀରୋବିନୀ ଶତପଥୀ, ପ୍ରଦୀପ କୁମାର ସେଠୀ ପ୍ରମୂଖ ସାରସ୍ୱତ ସାଧକ ମାନେ ଅଂଶଗ୍ରହଣ କରି ସ୍ୱରଚିତ କବିତା ଆବୃତି ସହ ସମୀକ୍ଷା କରିଥିଲେ । କବୟତ୍ରୀ ଲକ୍ଷ୍ମୀପ୍ରିୟା ଦାଶଙ୍କ ପିଲାଙ୍କ କବିତା-୨ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଥିଲା । ଶିଶୁ ସାହିତ୍ୟକ ହୃଷିକେଷ ପାଢୀଙ୍କ ପ୍ରଦତ ଏକ ରାଧାଚୁଡା ବୃକ୍ଷକୁ ପ୍ରକୃତିବନ୍ଧୁ ଦିଲ୍ଲିପ କୁମାର ଧାଉଡିଆ ଏବଂ ସରୋଜିନୀ ଜେନାଙ୍କ ଦ୍ୱାରା ମନ୍ଦିର ପରସରରେ ରୋପଣ କରାଯାଇଥିଲା । ଶେଷରେ ଆୟୋଜକ ଶ୍ରୀ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ବାଲେଶ୍ୱର ରୋଟାରୀ କ୍ଲବର 'ଜୟ ଅଫ୍ ଗିଭିଂ'




ବାଲେଶ୍ୱର,୨୦।୧୨ (ନି.ପ୍ର): ସବୁ ବର୍ଷ ପରି ଏହି ବର୍ଷ ରୋଟାରୀ ଇଣ୍ଟରନେସନାଲର 'ଜୟ ଅଫ୍ ଗିଭିଂ' କାର୍ଯ୍ୟକ୍ରମରେ ନିର୍ମାଣ କାରିଗର ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଅନେକ ଅତ୍ୟାବଶ୍ୟକୀୟ ବ୍ୟବହାରିକ ଉପଢୌକନ ମାଧ୍ୟମରେ କମ୍ବଳ, ଶାଢ଼ୀ, ଗାମୁଛା, ଲୁଂଗି, ବାଲିତି ପରି ୨୦ଟି ଉପହାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ମେଡିକାଲ କଲେଜର ଡିନଡକ୍ଟର ରାମଚନ୍ଦ୍ର ଗିରି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲା ବେଳେ ରୋଟାରୀ କ୍ଲବର ସଭାପତି ରୋଟାରିଆନ୍ ଭାବଗ୍ରାହୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସଭାରେ ମୁଖ୍ୟ ଅତିଥି ଜୀବନରେ ଦାନର ମହତ୍ତ୍ୱ ବିଷୟରେ ସାରଗର୍ଭକ ପରାମର୍ଶ ଦେଇଥିଲେ । ବରିଷ୍ଠ ରୋଟାରୀଆନ୍ ସୁବ୍ରତ କର ଅତିଥି ପରିଚୟ ସହିତ ରୋଟାରୀ କ୍ଲବର ଆଗାମୀ ଅଙ୍ଗଦାନ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । 'ଜୟ ଅଫ୍ ଗିଭିଂ' ଅଧ୍ୟକ୍ଷ ରୋଟାରୀଆନ୍ ଭି. ଉଦୟକୁମାର ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରୋଟାରୀଆନ୍ ଉଦୟ ରଂଜନ ଦାସ, ବିଷ୍ଣୁ ଦାସ କୁଣ୍ଡ, ଯଶୋଦାନନ୍ଦନ ଆଶ, ସୌରଭ ବେହେରା, ପ୍ରଜୟ ପଢେ, ବିକ୍ରମଜିତ୍ କର, ସତ୍ୟ ନାରାୟଣ ନନ୍ଦ, ସନ୍ତୋଷ ନାହାକ, ନିକୁଞ୍ଜ ମହାନ୍ତି, ପ୍ରଭାସ ଜେନା, ଦେବେନ୍ଦ୍ର କୁମାର ଧଳ, ଗଜଲକ୍ଷ୍ମୀ ପରିଡ଼ା, କଙ୍କଜ କୁମାର ଜେନା, ଏବଂ ପରେଶ କୁମାର ଗାୟନ ପ୍ରମୁଖ ଯୋଗ ଦେଇଥିଲେ । ସମୁଦାୟ ୩୦ ଜଣ ନିର୍ମାଣ ଶ୍ରମିକ ବିଭିନ୍ନ ଅନୁଷ୍ଠାନ ତରଫରୁ ଯୋଗ ଦେଇ ରୋଟାରୀ କ୍ଲବର ପ୍ରଦତ୍ତ ଉପହାର ମାନ ଗ୍ରହଣ କରିଥିଲେ । ସେମାନଙ୍କୁ ରୋଟାରୀ କ୍ଲବ ତରଫରୁ ପ୍ୟାକେଟ୍ ଖାଦ୍ୟ ପ୍ରଦାନ କରାଯାଇଥିଲା ଓ ସେମାନଙ୍କ ମନରେ ଏକ, ସହୃଦୟତାର ବାତାବରଣ ସୃଷ୍ଟି କରାଯାଇଥିଲା । ଶୀର୍ଷରେ କ୍ଲବର ସଂପାଦକ ରୋଟାରୀଆନ୍ ପ୍ରଦୀପ୍ତ କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେବା ସହିତ ରୋଟାରୀ କ୍ଲବର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ପଶ୍ଚିମବଙ୍ଗରେ ଓଏନଜିସିର ....

୬୦ ଦଶକରେ ଓଏନଜିସି ମଧ ତୈଳ ଓ ଗ୍ୟାସର ସନ୍ଧାନ ପାଇଁ ଏଠାରୁ ଡ୍ରିଲିଂ ଜାରୀ ରଖିଥିଲା । ତେବେ ସ୍ୱାଧୀନତାର ଦୀର୍ଘ ବର୍ଷର ଅପେକ୍ଷା ପରେ ପଶ୍ଚିମବଙ୍ଗର ଏହି ଭୂଖଣ୍ଡରୁ ଅଶୋଧିତ ତୈଳ ଉତ୍ପାଦନ କରାଯିବ । ଏହି ସଫଳତା ପାଇଁ ଶ୍ରୀ ପ୍ରଧାନ ଓଏନଜିସିକୁ ଶୁଭେଚ୍ଛା ଜଣାଇଛନ୍ତି। ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାୟିତ୍ୱ ନେବା ପରେ ଦେଶର ତୈଳ ଓ ଗ୍ୟାସ ଆମଦାନୀ ନିର୍ଭରତାକୁ ହ୍ରାସ କରିବା ପାଇଁ ଦେଶରୁ ହିଁ ତୈଳ ଓ ଗ୍ୟାସର ଅନୁସନ୍ଧାନ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହା ପେଟ୍ରୋଲିୟମ ବିଭାଗ ପାଇଁ ବଡ଼ ଚ୍ୟାଲେଞ୍ଜ ଥିଲା। ପ୍ରଧାନମନ୍ତ୍ରୀଙ୍କ ଏହି ଆହ୍ୱାନ କ୍ରମେ ଅଶୋକନଗର ଠାରେ ଉଦଘାଟିତ ହୋଇଯାଇଥିବା ବାଣିଜ୍ୟିକ ଇନ୍ଧନ ଉତ୍ପାଦନ ବେସିନରୁ ସର୍ବୋତ୍କୃଷ୍ଟ ମାନର ଅଶୋଧିତ ତୈଳ ଉତ୍ପାଦନ କରାଯିବ। ଏହି ଅଶୋଧିତ ତୈଳକୁ ହଳଦିଆ ରିଫାଇନାରୀକୁ ନିଆଯିବ। ଶ୍ରୀ ପ୍ରଧାନ କହିଛନ୍ତି ପଶ୍ଚିମବଙ୍ଗରେ ଓଏଏଲପି ଅଧୀନରେ ତୈଳ ଏବଂ ଗ୍ୟାସର ଅନ୍ୱେଷଣ ପାଇଁ ଲିଜ୍ ନିଆଯାଇଛି। ନୂଆ ଇନୋଭେସନ ଏବଂ ନୂଆ ଟେକ୍ନୋଲୋଜି ମାଧ୍ୟମରେ ସ୍ଥାନୀୟ ଅଂଚଳରେ ନୂଆ ସମ୍ଭାବନା ଅଣାଯିବ। ବାଣିଜ୍ୟିକ ଉତ୍ପାଦନ ଆରମ୍ଭ ତଥା ଅଶୋକନଗରର ଅନ୍ୟ କୂଅ ଗୁଡ଼ିକରୁ ଉତ୍ପାଦନ ଆରମ୍ଭ କରିବା ପାଇଁ ଜୋରଦାର ଉଦ୍ୟମ ପଶ୍ଚିମବଙ୍ଗର ଆର୍ଥିକ ବିକାଶ ଉପରେ ସୁପ୍ରଭାବ ପକାଇବ । ଏହା ଦ୍ୱାରା ସ୍ଥାନୀୟ ଲୋକଙ୍କୁ ରୋଜଗାର ମିଳିବ, ଅର୍ଥନୀତି ବିକାଶ ହେବ। ଓଏନଜିସିର ଏହି ପଦକ୍ଷେପ ଫଳରେ ସ୍ଥାନୀୟ ଅର୍ଥନୀତି ବଢ଼ିବ, ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଲକ୍ଷ୍ୟ ହାସଲ କରିବାରେ ମଧ ବଡ଼ ଯୋଗଦାନ ରଖିବା ସହ ଯୁବକଙ୍କ ଆକାଂକ୍ଷାକୁ ପୂରଣ କରିବ ଏବଂ ରୋଜଗାରର ସୃଷ୍ଟି ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ପୂର୍ବ ଭାରତର ବିକାଶର ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଅଗ୍ରସର ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ବିଜେଡି କାର୍ଯ୍ୟକାରିଣୀରେ ....

ନିମନ୍ତ୍ରିତ ଉପସଭାପତି ଓ ବରିଷ୍ଠ ନେତା ଉପସ୍ଥିତ ଥିଲେ। ବିଜୁ ବାବୁଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ପରେ ବୈଠକ ଆରମ୍ଭ ହୋଇଥିଲା। ଦିବଙ୍ଗତ ନେତାଙ୍କ ପାଇଁ ୧ ମିନିଟ ନିରବ ପ୍ରାର୍ଥନା ହୋଇଥିଲା। ବିଜେଡି ହେଉଛି ଲୋକଙ୍କ ଦଳ; ଲୋକଙ୍କ ସେବାରେ ସମର୍ପିତ। ପ୍ରତିଦିନ ଲୋକଙ୍କ କାମ କରିବାକୁ କାର୍ଯ୍ୟକାରିଣୀରେ କର୍ମକର୍ତାଙ୍କୁ ଆହ୍ୱାନ ଦେଇଥିଲେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ତୃଣମୂଳସ୍ତରରେ ବିଜେଡିକୁ ଅଧିକ ସଂଗଠିତ କରାଯିବା ସହ ଦଳର ସଦସ୍ୟଙ୍କ ସଂଖ୍ୟା ୧ କୋଟିରୁ ଅଧିକରେ ପହଂଚିଛି। ମୁଖ୍ୟମନ୍ତ୍ରୀଙ୍କ ପ୍ରତି ସାଧାରଣ ଲୋକଙ୍କ ଆସ୍ଥା ବଢିବାରେ ଲାଗିଛି। କେବଳ ସେତିକି ନୁହେଁ ମୁଖ୍ୟମନ୍ତ୍ରୀଙ୍କ ଛବିକୁ କଦାପି ମଳିନ କରିବାକୁ ଦିଆଯିବ ନାହିଁ ଏବଂ ସାରା ରାଜ୍ୟରେ ବିଜେଡି ତଥା ମୁଖ୍ୟମନ୍ତ୍ରୀଙ୍କ ବିକାଶମୂଳକ କାର୍ଯ୍ୟ ଘରେ ଘରେ ପହଂଚାଇବାକୁ ଦଳର ସାଙ୍ଗଠନିକ ସଂପାଦକ ଶ୍ରୀ ପ୍ରଣବ ପ୍ରକାଶ ଦାସ କହିଥିଲେ। ଦଳର ୯ଟି ପ୍ରସ୍ତାବ ମଧ୍ୟରେ କେନ୍ଦ୍ରର ଅବହେଳା ଓ ନକରାତ୍ମକ ଆଭିମୁଖ୍ୟ ରାଜ୍ୟ ବିକାଶରେ ବାଧକ ବୋଲି ବରିଷ୍ଠ ନେତାମାନେ ମତ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ପ୍ରାକୃତିକ ଦୁର୍ବିପାକକୁ ସଠିକ ଭାବେ ମୁକାବିଲା କରିପାରିଛନ୍ତି। ସେହିପରି କୃଷି ଓ କୃଷକଙ୍କୁ ଅଗ୍ରାଧିକାର ତଥା ସାମଗ୍ରିକ ବିକାଶ ପାଇଁ ବିଜେଡି ସଦାସର୍ବଦା କାର୍ଯ୍ୟ କରିଆସିଛି। ସ୍ୱାମୀନାଥନ କମିଟି ସୁପାରିସ ଅନୁସାରେ ଏମ୍‌ଏସ୍‌ପି ପାଇଁ ଲଢେଇ ଜାରି ରହିବ। ଆଗକୁ କିଭଳି ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପାଇବ ସେଥିପାଇଁ ଦଳ ଦାବି ଉପସ୍ଥାପନ ଜାରି ରଖିବ। ମହିଳା ସଶକ୍ତିକରଣ ପାଇଁ ରାଜନୈତିକ ପ୍ରସ୍ତାବ ମଧ୍ୟ ଅନୁମୋଦିତ ହୋଇଛି। ବିଧାନସଭା ଓ ସଂସଦରେ ୩୩ ପ୍ରତିଶତ ସଂରକ୍ଷଣ ପାଇଁ ଦାବି ହୋଇଛି। ଏହି ବୈଠକରେ ମଧ୍ୟ ଓଡିଶାର ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ପାଇଁ ମଧ୍ୟ ପ୍ରସ୍ତାବ ଅନୁମୋଦିତ ହୋଇଛି। ଓଡିଶୀ ନୃତ୍ୟକୁ ଶାସ୍ତ୍ରୀୟ ନୃତ୍ୟର ମାନ୍ୟତା ପାଇଁ ଦାବି ହୋଇଛି। କେବଳ ସେତିକି ନୁହେଁ ଓଡିଶାର ବରପୁତ୍ରଙ୍କ ଗାଁକୁ ଆଦର୍ଶ ଗ୍ରାମ ହିସାବରେ ଗ୍ରହଣ କରାଯିବାକୁ ପ୍ରସ୍ତାବ କରାଯାଇଛି। ବରପୁତ୍ର ମାନଙ୍କର ଜୀବନୀକୁ ପାଠ୍ୟପୁସ୍ତକରେ ସ୍ଥାନ ଦେବାକୁ ପ୍ରସ୍ତାବ ଦିଆଯାଇଛି। ସେହିପରି ରାଜ୍ୟରେ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ପୂର୍ଣ୍ଣ ସଶକ୍ତିକରଣ ପାଇଁ ପ୍ରସ୍ତାବ ହୋଇଛି। ଏହି କାର୍ଯ୍ୟକାରିଣୀ ବୈଠକରେ ଦଳର ବରିଷ୍ଠ ନେତା ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ଶ୍ରୀ ପିନାକୀ ମିଶ୍ର, ଶ୍ରୀମତୀ ପ୍ରମିଳା ମଲ୍ଲିକ, ଶ୍ରୀ କିଶୋର କୁମାର ମହାନ୍ତି, ଶ୍ରୀ କଳିକେଶ ନାରାୟଣ ସିଂହଦେଓ, ଶ୍ରୀ ରମେଶ ଚନ୍ଦ୍ର ମାଝୀ, ଶ୍ରୀ ଚନ୍ଦ୍ରଶେଖର ସାହୁ ସାଧାରଣ ସମ୍ପାଦକ(ଗଣମାଧ୍ୟମ ଓ ଯୋଗାଯୋଗ) ଶ୍ରୀ ମାନସ ରଞ୍ଜନ ମଙ୍ଗରାଜ ଓ ଡଃ.ସସ୍ମିତ ପାତ୍ର ଉପସ୍ଥିତ ଥିଲେ।

## ପ୍ରତ୍ୟେକ ଜିଲାରୁ .....

ଶ୍ରମିକ ନେତା ଭାଗବତ ପ୍ରତିହାରୀ, ଶିଶିର ହୁଇ, ନିର୍ମଳ ନାୟକ, ପୂର୍ଣ୍ଣଚନ୍ଦ୍ର ପାତ୍ର, ଶଶିକାନ୍ତ ବେହେରା, ଯତୀନ ପାତ୍ର, ମନ୍ମଥ ନାୟକ, ଭରତ ଚନ୍ଦ୍ର ସେଠୀ, ନିକୁଞ୍ଜ ବସନ୍ତ ରାୟ, ପ୍ରଦୀପ୍ତ ସାହୁ, ସୁରଜିତ୍ ପୋଥାଳ ପ୍ରମୁଖ ଏଥିରେ ଯୋଗଦେଇ ଦେଶର କୃଷକ ସମାଜଙ୍କ ହିତରେ ଜୀବନ ହାରିଥିବା ୩୦ ଜଣ ଚାଷୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଚାଷୀଙ୍କର ଏହି ତ୍ୟାଗ କେବେ ବି ବିଫଳ ଯିବନାହିଁ ବୋଲି ସେମାନେ କହିଥିଲେ। ସରକାର ନୂତନ କୃଷି ଆଇନ୍ ଓ ବିଦ୍ୟୁତ୍ ଆଇ ପ୍ରତ୍ୟାହାର ନ କଲା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି ବକ୍ତାମାନେ କହିଥିଲେ। ବିଜେପି ଓ ଆରଏସଏସ ବ୍ୟତୀତ ଦେଶର ସମସ୍ତ ରାଜନୈତିକ ଦଳ ଓ ଗଣ ସଂଗଠନଙ୍କ ସମେତ ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ରମାନେ ଚାଷୀ ଆନ୍ଦୋଳନକୁ ସମର୍ଥନ ଦେଇ ଚାଲିଛନ୍ତି। ଦେଶର କୋଣ ଅନୁକୋଣରୁ ଏହି ଆନ୍ଦୋଳନକୁ ସମର୍ଥନ ମିଳୁଥିବା ବେଳେ ଆଗାମୀ ଦିନରେ ଓଡ଼ିଶାର ପ୍ରତ୍ୟେକ ଜିଲାରୁ ଅତିକମ୍‌ରେ ୫ ଜଣ ଲେଖାଏଁ ଚାଷୀନେତା ଦିଲୀ ଯିବାପାଇଁ ନିଷ୍ପତି ନିଆଯାଇଥିବା ସଂଘର୍ଷ ସମିତି ପକ୍ଷରୁ ସୂଚନା ଦିଆଯାଇଛି। କେବଳ ଓଡ଼ିଶା ନୁହେଁ ସମଗ୍ର ଦେଶରୁ ଏବେ ଚାଷୀନେତାଙ୍କ ସୁଅ ଦିଲୀକୁ ପଡ଼ିଛି। ଖୁବଶୀଘ୍ର କେନ୍ଦ୍ର ସରକାର ନିଜର ଭୁଲ ବୁଝିବା ସହିତ ଏହି କଳା କୃଷି ଆଇନ୍‌କୁ ପ୍ରତ୍ୟାହାର କରିବେ ବୋଲି ଶ୍ରମିକନେତା ଓ ଚାଷୀନେତାମାନେ ଆଶା ପ୍ରକଟ କରିଥିଲେ। ବାଲେଶ୍ୱର ଜିଲାର ବିଭିନ୍ନ ଅଞ୍ଚଳରୁ ବହୁ ଚାଷୀ ଓ ଶ୍ରମିକ ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଧ୍ୱନି ପ୍ରତିଧ୍ୱନି ପାଠକ ମଞ୍ଚ .....

ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ, ସୁବର୍ଣ୍ଣଶ୍ରୀର ପ୍ରତିଷ୍ଠାତା ସମ୍ପାଦକ କାଳୀପଦ ପଣ୍ଡା ସାମ୍ବାଦିକତା ସହ ସାହିତ୍ୟର ଘନିଷ୍ଠ ସମ୍ପର୍କ ସମ୍ପର୍କରେ ତାତ୍ତ୍ୱିକ ଅଲୋକପାତ କରିଥିଲେ । ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ, ଅଧ୍ୟାପକ ସୌମେନ୍ଦ୍ର କୁମାର ଦାଶ, କରୁଣାକର ନାୟକ, ଅର୍ଜୁନ ମହାନ୍ତ ପ୍ରମୁଖ ଅଂଶ ଗ୍ରହଣ କରି ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ ପବିତ୍ର ମୋହନ ବେହେରା ଓ ରମେଶ ଚନ୍ଦ୍ର ପଣ୍ଡାଙ୍କୁ ଚଳିତ ବର୍ଷ ପାଠକ ସମ୍ମାନ ଏବଂ ଶୁଭେନ୍ଦୁ କୁମାର ମୁଖିଙ୍କୁ ସାମ୍ବାଦିକ ସମ୍ମାନ ପ୍ରଦାନ ସ୍ୱରୂପ ଅତିଥି ମାନେ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଦ୍ୱିତୀୟ ଅଧିବେସନରେ କବି ଇନ୍ଦ୍ରମଣୀ ବିନ୍ଧାଣୀଙ୍କ ଅଧ୍ୟକ୍ଷତା ଓ ରୁକ୍ମଣୀ ସାହୁ ଏବଂ ମାଳତୀ ଧଳଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ସଫଳ କରିବାରେ ମହେନ୍ଦ୍ର ମାର୍ଣ୍ଡି, ସ୍ମୃତି ରଂଜନ ଶତପଥି, ବେଣୁଧର କଣ୍ଠାବାଉଁଶିଆ, ତାପସ ରଂଜନ ଖଣ୍ଡା, ଭାଗିରଥି ନାୟକ, ପ୍ରଭାସିନୀ ସିଂ, ଭାରତୀ ନାୟକ ଓ ପ୍ରକାଶ ବେହେରା ପ୍ରମୁଖ ସହଯୋଗ କରିଥିଲେ । ଅନ୍ୱେଷଣର ସଂପାଦକ ଶ୍ରୀନାଥ ପ୍ରଧାନ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

## ମହାନଦୀରେ ପ୍ରସ୍ତାବିତ ....

କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ଅଂର୍ଗତ ଆଖଡାଶାଳି ଗାଁ ନିକଟରେ ଏହି ବନ୍ଦର ପ୍ରତିଷ୍ଠା ହେବ । ପାରାଦୀପସ୍ଥିତ ମହାନୀ ମୁହାଣରୁ ପ୍ରାୟ ୧୩କି.ମି. ଦୂରରେ ଏହି ପ୍ରକଳ୍ପ ସ୍ଥାନ ଚିହ୍ନଟ ହୋଇଛି । ସମସ୍ତ ପାଗରେ ଏବଂ ବହୁମୁଖୀ ବ୍ୟବହୃତ ହେବ ଏହି ନଦୀ ଭିତ୍ତିକ ବନ୍ଦର । ଏହାକୁ ପିପିପି ମୋଡ୍‌ରେ ଏହି ବନ୍ଦର ପ୍ରତିଷ୍ଠା ହେବ । ବାର୍ଷିକ ୫୪ମେଟ୍ରିକ ଟନ୍ ପଣ୍ୟ କାରବାର ହେବାର ଲକ୍ଷ ରଖାଯାଇଛି । ଏହି ପ୍ରକଳ୍ପ ପାଇଁ ୪,୦୬୨ କୋଟି ଟଙ୍କାର ପୁଂଜି ବିନିଯୋଗ ହେବ । ପ୍ରଥମ ପର୍ଯ୍ୟାୟରେ ୨୨ମେଟ୍ରିକ ଟନ୍ ପଣ୍ୟ କାରବାର ଆରମ୍ଭ ହେବ । ସେଥିପାଇଁ ୨,୫୬୨କୋଟି ଟଙ୍କାର ବ୍ୟୟ ବରାଦ ହୋଇଥିବା ସୂଚନା ମିଳିଛି । ପାରାଦୀପ ବନ୍ଦର ଏହି ପ୍ରକଳ୍ପ ପାଇଁ ଡ୍ରେଜିଙ୍ଗ, ରେଳ ଓ ସଡକପଥ ର ଯୋଗାଯୋଗ କରାଇବ । ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ୩୦୦ହେକ୍ଟର ଜମି ଯୋଗାଇ ଦେବା ପାଇଁ ଚିହ୍ନଟ ହୋଇଛି । ପାରାଦୀପ ବନ୍ଦରକୁ ଆବଶ୍ୟକୀୟ ସହଯୋଗ ଓ ସହାୟତା ରାଜ୍ୟ ସରକାର ଯୋଗାଇ ଦେବେ । ୨୦୧୮ମସିହାରେ ନଦୀ ଭିତ୍ତିକ ବନ୍ଦର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର କେନ୍ଦ୍ରକୁ ପ୍ରସ୍ତାବ ଦେଇଥିଲେ । ଏହି ନଦୀ ଭିତ୍ତିକ ବନ୍ଦର ପ୍ରତିଷ୍ଠା ହେଲେ ପ୍ରଥମ ପର୍ଯ୍ୟାୟରେ ୪ହଜାର ଓ ପରବର୍ତ୍ତି ସମୟରେ ୧୭୦୦ଙ୍କୁ ନିଯୁକ୍ତିର ସୁଯୋଗ ମିଳି ପାରିବ ବୋଲି ଜଣା ପଡିଛି ।

## ପରୀ ହତ୍ୟା ଘଟଣାରେ ...

ଏଥିଲାଗି ୫ଲକ୍ଷ ଟଙ୍କା ଯାଚୁଥିବା ସରୋଜ ଅଭିଯୋଗ କରିଥିଲେ। ସରୋଜଙ୍କ ଏଭଳି ଅଭିଯୋଗ ଭିତିହୀନ ବୋଲି ଓଡ଼ିଶା ପୁଲିସ ସ୍ପଷ୍ଟୀକରଣ ଦେଇଥିଲା। ଉଲ୍ଲେଖଯୋଗ୍ୟ ଗତ ଜୁଲାଇ ୧୪ ତାରିଖରେ ପରୀ ଗାଁ ଦାଣ୍ଡରେ ଖେଳୁଥିବା ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନଥିଲା। ଝିଅକୁ ନପାଇ ପରିବାର ପକ୍ଷରୁ ସଦର ଥାନାରେ ଏତଲା ଦିଆଯାଇଥିଲା। ଏଭଳି ସ୍ଥିତିରେ ସେହିମାସ ୨୩ରେ ପରୀ ଶବ ଉଦ୍ଧାର ହୋଇଥିଲା। ଅଭିଯୁକ୍ତ ବିଜେଡି ଦଳର ହୋଇଥିବାରୁ ଓ ସେମାନଙ୍କୁ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ସୁରକ୍ଷା ଦେଉଥିବା ଅଭିଯୋଗ ଆସିଥିଲା। ଏଭଳି ସ୍ଥିତିରେ ପରୀ ବାପା, ମା' ଗତ ୨୪ ତାରିଖରେ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିଥିଲେ। ଏହା ପରେ ସରକାର ପ୍ରଥମେ କ୍ରାଇମବ୍ରାଂଚ, ପରେ ଏସଆଇଟି ଗଠନ କରିଥିଲେ।

## କୋଏଲ ନଦୀରେ ....

ଅନେକ ସମୟପରେ ଜଣେ ଓ ଆଉକିଛି ସମୟ ପରେ ଆଉଜଣକୁ ଉଦ୍ଧାର କରାଯାଇଥିବାବେଳେ ସେମାନେ ମୃତ ବୋଲି ଜଣା ପଡିଛି । ତେବେ ଅନ୍ୟ ଜଣେ ଛାତ୍ର ଙ୍କ ଖବର ଲେଖା ହେବାଯାଏ ନିଖୋଜ ଥିବା ଜଣାପଡିଛି । ସହରରେ ପ୍ରବଳ ଥଣ୍ଡା ପଡିଥିବା ବେଳେ ଏହି କର୍ମଚାରୀ ଓ ଗ୍ରାମ ବାସୀ ମାନେ ମିଳିତ ଭାବେ ଏହି ଉଦ୍ଧାର କାର୍ଯ୍ୟ କରିଥିବା ଦେଖାଯାଇଥିଲା ।ଅନ୍ୟ ଏକ ସୁତ୍ରରୁ ଜଣାପଡିଛି ଯେ, ଏହି ଛାତ୍ର ମାନେ ନିଜ ଘରେ ପିକନିକ ନେଇ କୌଣସି ସୁଚନା ନଦେଇ ନଦୀ କୁଳକୁ ଚାଲିଆସିଥିଲେ । ଜାମସେରା ବାସୀ କହିଛନ୍ତି ଯେ,ଏଠାରେ ନଦୀର ପ୍ରଖରତା ଅଧିକ ହୋଇଥିବାରୁ ସେମାନେ ଲୋକ ମାନଙ୍କୁ ଏଠାରେ କୌଣସି ପିକନିକ କରିବାକୁ ମନାକଲେ ମଧ ଏହାକୁ କେହି ମାନୁ ନାହାନ୍ତି । ନଦୀ କୁଳକୁ ପିକନିକ ଲାଗି ଆସୁଥିବା ଛାତ୍ର ମାନେ ଅନେକ ସମୟରେ ଏହି ନଦୀରେ ଭାସି ଯାଇ ମୃତ୍ୟୁବରଣ କରୁଛନ୍ତି ।ନିକଟରେ ଛୋଟ ଛୋଟ ପିଲା ଟ୍ୟୁସନ ସାରଙ୍କ ସହ ପିକ ନିକ ଯାଇ ବଲ ଖେଳୁଥିବା ବେଳେ ବଲଟି ପାଣିକୁ ଚାଲିଜିବାରୁ ତାକୁ ଆଣିବାକୁ ଯାଇ ଜଣେ ଛାତ୍ରର ମୃତ୍ୟୁ ହୋଇଥିଲା । ସେହି ଭଳି ଗୁରୁଣ୍ଡିଆର ନିକଟ ଏକ ଜଳ ପ୍ରପାତରେ ଗାଧୋଇବାକୁ ଯାଇ ୩ଛାତ୍ର ପ୍ରାଣ ହରାଇଥିଲେ ।ଝିରିପାଣି ଘାଟରେ ଏହି ଭଳି ବିଭିନ୍ନ ସମୟରେ ଅଘଟଣ ମାନଘଟୁଛି ,ହେଲେ ସଚେତନତା ଅଭାବରୁ ଅନେକ ନିରୀହ ଜୀବନ ସିନା ଚାଲିଯାଉଛି କିନ୍ତୁ ଏହାର ପ୍ରତିକାର ହୋଇପାରୁ ନାହିଁ। ଏହି ପିଲା ମାନେ ସେକ୍ଟର ଓ ଛେଣ୍ଡ ଅଂଚଳର ବୋଲି ଜଣପଡିଥିବା ବେଳେ ସେମାନଙ୍କର ସଂପୁର୍ଣ ପରିଚୟ ମିଳିପାରିନାହିଁ ।ଏହି ଖବର ଆଜି ସହରରେ ଆଲୋଡନ ସୃଷ୍ଟି କରିଛି ।

ସୋମବାର,୨୧ ଡିସେମ୍ବର ୨୦୨୦

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ଗାନ୍ଧୀ ବାଳାଶ୍ରମରେ ରକ୍ତଦାନ ଶିବିର

ଭଦ୍ରକ,୨୦।୧୨ (ନି.ପ୍ର): ଗାନ୍ଧୀ ଓଡ଼ିଶା ଓ ନୂଆସାହି ଗ୍ରାମବାସୀଙ୍କ ସହଯୋଗରେ ଗାନ୍ଧୀ ଓଡ଼ିଶା ବାଳାଶ୍ରମ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ସମ୍ପାଦକ ଅଶୋକ କୁମାର ଦାସଙ୍କ ଅଧକ୍ଷତାରେ ଉଦ୍‌ଘାଟନ ଉତ୍ସବ ଆୟୋଜିତ ହୋଇଥିଲା। ତ୍ୟାଗଭୂମିର ସଭାପତି ଅଜୟ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସାମ୍ମାନନୀୟ ଅତିଥି ଭାବେ ସମାଜସେବୀ ସୁଧାକର ରାଉତ, ବରିଷ୍ଠ ସାମ୍ବାଦିକ ପରମାନନ୍ଦ ଦାସ, ଉର୍ଦ୍ଦୁ କବି ମୁସ୍ତାକ ଗହ୍ୱର, ପ୍ରାକ୍ତନ କାଉନସିଲର ସଞ୍ଜୟ ସାହୁ, ସମାଜସେବୀ ସେକ୍ ଜୁଲଫୁକର ଅହେମ୍ମଦ କାଦ୍‌ରୀ ଯୋଗ ଦେଇଥିଲେ। ଉତ୍ସବର ପ୍ରାରମ୍ଭରେ ସମ୍ପାଦକ ଶ୍ରୀଯୁକ୍ତ ଦାସ ରକ୍ତଦାନ ଶିବିରର ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ। ବାଳାଶ୍ରମର ଅଧୀକ୍ଷକ ହୃଷିକେଶ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ରକ୍ତଦାନ ଭଳି ମହତ କାର୍ଯ୍ୟ କରିବା ଦ୍ୱାରା ଯେ କେବଳ ପୂଣ୍ୟ ଅର୍ଜନ କରାଯାଏ ତାହା ନୁହେଁ, ଏହା ଦ୍ୱାରା ବହୁ ଜୀବନ ରକ୍ଷା ହୋଇ ପାରିବ। ପ୍ରତ୍ୟେକ ଲୋକ ଏହିଭଳି ମହତ କାର୍ଯ୍ୟ କରିବା ନିତାନ୍ତ ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଝରଣା ଦାସ, ନିକିତା ବର୍ମା, ଅରବିନ୍ଦ ସେଠୀ, ନିରଞ୍ଜନ ନାୟକ, ସୌମ୍ୟ ରଞ୍ଜନ ଦାସ, ତଥାଗତ ଜେନା, ଶ୍ରୀକାନ୍ତ ବିଶ୍ୱାଳ,



ଚନ୍ଦନ ସାହୁ, ପ୍ରଜ୍ଞାଶ୍ରୀ ଦାସ, ରାଜେଶ ମୋହିନୀ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଏହି ଶିବିରରେ ଭଦ୍ରକ ବ୍ଲଡ ବ୍ୟାଙ୍କ ପକ୍ଷରୁ ଡାକ୍ତର ବିମଳା ମିଶ୍ର ଯୋଗ ଦେଇ ସହକର୍ମୀଙ୍କ ସହ ରକ୍ତ ସଂଗ୍ରହ କରିଥିଲେ। ମୋଟ ୫୭ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୭ ଗିରଫ

ଭୁବନେଶ୍ୱର,୨୦।୧୨ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୭ ଜଣଙ୍କୁ ଗିରଫ କରିଥିବା ବେଳେ ୫୧୦ ବାହନକୁ ଜବତ କରା ଯାଇଛି। ଏହି ସମୟ ମଧ୍ୟରେ ୧୭,୫୩,୨୦୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୨୬,୬୨୪ ନୂଆ ମାମଲା

ନୂଆଦିଲ୍ଲୀ,୨୦।୧୨ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୨୬,୬୨୪ ଟି ନୂଆ କରୋନା ମାମଲା ସାମନାକୁ ଆସିଛି। ଏହି ସମୟ ମଧ୍ୟରେ ୩୪୧ ଜଣଙ୍କର ମୃତ୍ୟୁ ଘଟିଛି। ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧,୦୦,୩୧,୨୨୩ ପହଂଚିଛି। ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୩,୦୫,୩୪୪ ଥିବା ବେଳେ ବର୍ତମାନ ସୁଦ୍ଧା ୧,୪୫,୪୭୭ ଜଣ ମୃତ୍ୟୁ ବରଣ କରିଛନ୍ତି।

## ସ୍ୱାଭିମାନ ଅଂଚଳରୁ ଲ୍ୟାଣ୍ଡମାଇନ ଉଦ୍ଧାର

ମାଲକାନଗିରି,୨୦।୧୨ (ନି.ପ୍ର): ଗତକାଲିଭସନ୍ଧ୍ୟାରେ ସ୍ୱାଭିମାନ ଅଂଚଳରୁ ବିଏସଏଫ୍ ଯବାନମାନେ ଲ୍ୟାଣ୍ଡମାଇନ୍ ଉଦ୍ଧାର କରିଥିବାର ଖବର ମିଳିଛି। ଆସିଷ୍ଟାଂଟ କମାଣ୍ଡାଂଟ ବିଜୟ ପଲଙ୍କ ନେତୃତ୍ୱରେ ସେମାନେ ସ୍ୱାଭିମାନ ଅଂଚଳର ପିପଲପଦର ଠାରୁ ନାକାମାମୁଡ଼ି ମଧ୍ୟରେ ସର୍ଚ୍ଚ ଅପରେସନ କରୁଥିବା ବେଳେ ଜଙ୍ଗଲରୁ ଲ୍ୟାଣ୍ଡମାଇନ ଉଦ୍ଧାର କରିଥିଲେ। ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି ନକ୍ସଲ ଲ୍ୟାଣ୍ଡମାଇନ ପୋତି ଥିଲେ। କୌଣସି ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତିଗଲେ ଯବାନ। ବୋମା ନିଷ୍କ୍ରିୟକାରୀ ଦଳ ପହଂଚି ବୋମାକୁ ନିଷ୍କ୍ରିୟ କରିଛନ୍ତି।

## ୧ ଲକ୍ଷ ୩୨ ହଜାର ୧୦୦ ଟଙ୍କା ଜୋରିମାନା ଆଦାୟ, ୧୯ ଲିଟର ମଦ ଜବତ : ୨ ଗିରଫ

ଗଞ୍ଜାମ,୨୦।୧୨ (ନି.ପ୍ର): ବ୍ରହ୍ମପୁର ପୋଲିସ ଜିଲ୍ଲା ପକ୍ଷରୁ ଗତ ୧୯ ତାରିଖ ସକାଳ ୬ଟା ଠାରୁ ୨୦ ତାରିଖ ସକାଳ ୬ ଟା ପର୍ଯ୍ୟନ୍ତ ୨୪ ଘଂଟା ମଧ୍ୟରେ କୋଭିଡ୍ କଟକଣା ଉଲ୍ଲଙ୍ଘନକାରୀ, ବେପରୁଆ ଗାଡି ଚାଳକ ଓ ବେଆଇନ ମଦ କାରବାର ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପୋଲିସର ସୂଚନା ଅନୁଯାୟୀ, ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ କରିଥିବା ବେପରୁଆ ଗାଡ଼ି ଚାଳକ ୨୫୯ ଜଣଙ୍କ ଚାଲାଣ କଟାଯାଇଛି। ସେମାନଙ୍କ ନିକଟରୁ ଜୋରିମାନା ବାବଦକୁ ୧ ଲକ୍ଷ ୨୯ ହଜାର ୫୦୦ ଟଙ୍କା ଆଦାୟ କରାଯାଇଛି। ମାସ୍କ ବ୍ୟବହାର କରୁନଥିବା ୧୩ ଜଣ ବ୍ୟକ୍ତି ବିଶେଷଙ୍କ ନିକଟରୁ ୨୬୦୦ ଟଙ୍କା। ଏହିପରି ଜୋରିମାନା ବାବଦକୁ ମୋଟ୍ ୧ ଲକ୍ଷ ୩୨ ହଜାର ୧୦୦ ଟଙ୍କା ଆଦାୟ କରାଯାଇଛି। ଏହା ବ୍ୟତୀତ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୧୯ ଲିଟର ମଦ ଜବତ କରିଛି ପୋଲିସ। ଦୁଇ ଜଣଙ୍କୁ ଗିରଫ କରିଛି। ଥାନାରେ ଦୁଇଟି ଏତଲା ଦାୟର୍ ହୋଇଛି।

## ‘ଜାଗୋ’ସଂଗଠନ ପକ୍ଷରୁ ଚାନ୍ଦିପୁର ବେଳାଭୂମି ସଫେଇ

ବାଲେଶ୍ୱର,୨୦।୧୨ (ନି.ପ୍ର): ରାଜ୍ୟର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ‘ଜୟ ଜଗନ୍ନାଥ ଗ୍ରୁପ ଅଫ୍ ଓଡ଼ିଶା’(ଜାଗୋ) ପକ୍ଷରୁ ରବିବାରରେ ଚାନ୍ଦିପୁର ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚାନ୍ଦିପୁରରେ ସଂଗଠନର ବାର୍ଷିକ ଅଧିବେଶନ ପରେ କର୍ମକର୍ତ୍ତାଙ୍କ ସମେତ ସମସ୍ତ ସଦସ୍ୟ ସଦସ୍ୟା ମିଳିତ ଭାବେ ବେଳାଭୂମି ସଫେଇ କରିଥିଲେ। ବେଳାଭୂମିରେ ପଡ଼ିଥିବା ଆବର୍ଜନା, ପ୍ଲାଷ୍ଟିକ୍ ବୋତଲ, ପଲିଥନ୍‌କୁ ଗୋଟେଇ ଡଷ୍ଟବିନ୍‌ରେ



ପକାଇଥିଲେ। ଶୁଖିଲା ଡାଳପତ୍ର ଓ ଆବର୍ଜନା ଆଦିକୁ ପୋଡ଼ି ଦିଆଯାଇଥିଲା। ଆଗାମୀ ଦିନରେ ସଂଗଠନ ପକ୍ଷରୁ ନିୟମିତ ବ୍ୟବଧାନରେ ବେଳାଭୂମି ସଫେଇ କାର୍ଯ୍ୟ ଜାରି ରହିବ ବୋଲି କର୍ମକର୍ତ୍ତାମାନେ କହିଛନ୍ତି। ଏଥିସହିତ ବେଳାଭୂମି ଓ ତା’ର ସଂଲଗ୍ନ ସାଧାରଣ ଲୋକେ ଚଳପ୍ରଚଳ ହେଉଥିବା ସ୍ଥାନରେ ସଂଗଠନ ପକ୍ଷରୁ ଏକାଧିକ ଡଷ୍ଟବିନ୍ ରଖାଯିବ ବୋଲି ସେମାନେ କହିଛନ୍ତି। ‘ଜାଗୋ’ର ରାଜ୍ୟ ସମ୍ପାଦିକା ମିନତି କର, ବରିଷ୍ଠ ଉପଦେଷ୍ଟା ଜ୍ୟୋତିର୍ମୟୀ ପଟ୍ଟନାୟକ, ଜିଲ୍ଲା ସଭାପତି ବିସ୍ମୟ ପାତ୍ର, ପ୍ରମୋଦ ଜେନା, ରଂଜନ ପାତ୍ର, ଧ୍ରୁବ ପଣ୍ଡା, ମହେଶ ମଲ୍ଲିକ, ରଂଜନ ସେଠୀ ପ୍ରମୁଖ ଆଜିର ଏହି ସଫେଇ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ।

## ମେ ଆଇ ହେଲ୍ପ ୟୁ ମୋ ପରିବାର ପକ୍ଷରୁ ଭିନ୍ନକ୍ଷମ ବିଦ୍ୟାଳୟରେ ବୃକ୍ଷରୋପଣ ଓ ଫଳ ବଣ୍ଟନ

ଜଳେଶ୍ୱର, ୨୦/୧୨ (ନିପ୍ର): ଆଜି ରବିବାର ପୂର୍ବାହ୍ନରେ ବାଲେଶ୍ୱର ଜିଲା ଜଳେଶ୍ୱର ମ୍ୟୁନିସିପାଲଟିର ନନ୍ଦିକା ଠାରେ ଥିବା ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟରେ ‘ମେ ଆଇ ହେଲ୍ପ ୟୁ ମୋ ପରିବାର’ ପକ୍ଷରୁ ବୃକ୍ଷ ରୋପଣ ଓ ଫଳ ବଣ୍ଟନ ସହିତ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଜଳେଶ୍ୱର ଥାନା ଆଇଆଇସି ମାନସ କୁମାର ଦେଓ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ହୋଇ ବିଦ୍ୟାଳୟର ସୁବିଧା-ଅସୁବିଧା ସଂପର୍କରେ ବୁଝାଶୁଝା କରିବା ସହିତ ସେଠାରେ ଆବଶ୍ୟକ ଆଇନ୍ ଶୃଙ୍ଖଳା ଯୋଗାଇ ଦିଆଯିବା ସଂପର୍କରେ କହିଥିଲେ। ମେ ଆଇ ହେଲ୍ପ ୟୁ ମୋ ପରିବାରର ସଭାପତି ଜଗନ୍ନାଥ ପରିଡା, ଦେବୀରାଣୀ ପରିଡା, ନରହରୀ ବେହେରା, ରମେଶ ଜେନା, ହେମନ୍ତ ଜେନା, ଜୟଦେବ ସାମଲ, ସୁଭାଶିଷ ହୁଇ, ଚନ୍ଦନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ଭାଗ ନେଇ ଭବିଷ୍ୟତରେ ଏହି ଅନୁଷ୍ଠାନକୁ ସହାୟତା କରିବାକୁ ପ୍ରତିଶୃତି ଦେଇଥିଲେ।

## ବିଜେଡିର ୨୪ତମ ପ୍ରତିଷ୍ଠା ଦିବସର ପ୍ରସ୍ତୁତି ବୈଠକ



ଜଳେଶ୍ୱର, ୨୦/୧୨ (ନିପ୍ର): ରାଜ୍ୟରେ ପଂଚମପାଳି ସରକାରର ୨୪ତମ ପ୍ରତିଷ୍ଠା ଦିବସ ପାଳନ ହେବାକୁ ଥିବା ବେଳେ ଜଳେଶ୍ୱର ନିର୍ବାଚନୀ ସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ସ୍ଥାନୀୟ ଭଂଜ ଭବନରେ ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ପୌରହିତ୍ୱରେ ଅନୁଷ୍ଠିତ ବୈଠକରେ ଏହାର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରାଯାଇଥିଲା। ନଗର ସଭାପତି ସୁରଜିତ୍ ଘୋଷ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତୀପ କୁମାର ପ୍ରଧାନ, ବିନ୍ଦୁବାଳା ନନ୍ଦୀ, ବ୍ରଜମୋହନ ପ୍ରଧାନ, ମାନସ ଜେନା, ଅନାଦି ଦାସ, ବିଜୟ କାମିଲା, ସଂଜିବ ପାଳ, ହରେକୃଷ୍ଣ ଗିରି, ଗୋବିନ୍ଦ ସାହୁ, ଦିପୁ ସାମନ୍ତ, ଅର୍ଚ୍ଚନା ଗିରି, ଅବଦୁଲ ରହିମ, ହାସିରୁଦ୍ଦିନ ବକ୍ସ, ଆନନ୍ଦ କର ପ୍ରମୁଖ ଯୋଗ ଦେଇଥିଲେ।

## ୧୭ତମ ଜାତୀୟ ନାଟକ ମହୋତ୍ସବ ‘କ୍ୟାନଫେଷ୍ଟ ୨୦୨୦’ ଉଦ୍‌ଘାଟିତ

ପାରାଦୀପ,୨୦।୧୨ (ନି.ପ୍ର): ପାରାଦୀପ ମଧୁବନସ୍ଥିତ ସାଗରୀକା କଳା ନିକେତନ ଠାରେ ୧୭ତମ ଜାତୀୟ ନାଟକ ମହୋତ୍ସବ ‘କ୍ୟାନଫେଷ୍ଟ ୨୦୨୦’ ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଉପାଧ୍ୟକ୍ଷ ଏ.କେ.ବୋଷ ଓ ଇଫ୍‌କୋ ପାରାଦୀପ ୟୁନିଟ୍ ମୁଖ୍ୟ କେ.ଜେ.ପଟେଲ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଆୟୋଜକଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଇଷ୍ଟର୍ଣ୍ଣ ଜୋନାଲ କଲ୍‌ଚରାଲ ସେଣ୍ଟର,



ପାରାଦୀପ ବନ୍ଦର, ଇଫ୍‌କୋ ଓ ମିଡିଆ ପାର୍ଟନର ପଲିଟିକାଲ ବିଜିନେସ ଡେଲି ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଚଳିତ ଡିସେମ୍ବର ୨୦ରୁ୨୨ ତାରିଖ ତିନି ଦିନ ଧରି ଚାଲିବ। ସରକାରଙ୍କ ସମସ୍ତ କୋଭିଡ୍ ଗାଇଡ ଲାଇନ୍ ଅନୁସରଣ କରାଯାଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ଉଦ୍‌ଘାଟନୀ ଉତ୍ସବରେ ପାରାଦୀପ କ୍ୟାନମାସ୍ ଗ୍ରୁପ ପକ୍ଷରୁ ଓଡିଆ ନାଟକ ‘ସ୍ୱୟମ୍ବର’ ପରିବେଷଣ ହୋଇଥିବାବେଳେ ଦ୍ୱିତୀୟ ଦିନ କୋଲକାତାର ପୂର୍ବ ରଙ୍ଗ ଷ୍ଟେପ ଆଣ୍ଡ ଷ୍ଟେଜ ଗ୍ରୁପ ପକ୍ଷରୁ ବେଙ୍ଗଲି ନାଟକ ‘ସୀତାୟନ’ ଏବଂ ତୃତୀୟ ତଥା ଅନ୍ତିମ ଦିବସରେ ଭୋପାଳର ଏକ୍ ରଙ୍ଗ କଲ୍‌ଚରାଲ ସୋସାଇଟ୍ ଗ୍ରୁପ ପକ୍ଷରୁ ହିନ୍ଦି ନାଟକ ମଧ୍ୟାନ୍ତର ପରିବେଶଣ ହେବ। ସୁଚନା ଥାଉକି, ପାରାଦୀପର କ୍ୟାନମାସ ସଂସ୍ଥା ଦ୍ୱାରା ଆୟୋଜିତ ନାଟକ ମହୋତ୍ସବ ରାଜ୍ୟ ସମେତ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ବେଶ୍ ପ୍ରଶଂସିତ ଓ ଆକର୍ଷଣ ସୃଷ୍ଟି କରିପାରିଛି।

## ହୋଟେଲ ‘ଅନ୍ୱେଷା କିଚେନ୍’ଉଦଘାଟିତ

ବାଲେଶ୍ୱର,୨୦।୧୨ (ନି.ପ୍ର): ରେମୁଣା ଗୋଲେଇର ନୂତନ ହୋଟେଲ ‘ଅନ୍ୱେଷା କିଚେନ୍’ ଆଜି ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ପୌରପାଳ ଆଲୋକ କୁମାର ସାହୁ ଏହି ହୋଟେଲକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଦିନକୁ ଦିନ ରେମୁଣା ଗୋଲେଇ ମାର୍କେଟ ସଂପ୍ରସାରିତ ହୋଇ ଚାଲିଥିବା ବେଳେ ଗ୍ରାହକଙ୍କ ରଚିପୂର୍ଣ୍ଣ ଖାଦ୍ୟର ଚାହିଦା ପୂରଣରେ ଏହି ହୋଟେଲ ବେଶ ସହାୟକ ହେବ ବୋଲି ଶ୍ରୀ ସାହୁ ଆଶା ପ୍ରକାଶ କରିଥିଲେ। ସତ୍ତ୍ୱାଧିକାରୀ ଦେବେନ୍ଦ୍ର ପଣିଗ୍ରାହୀ ଏହି ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ରହି ଗ୍ରାହକଙ୍କ ମନ ଓ ରଚିକୁ ଦୃଷ୍ଟିରେ ରଖି ହୋଟେଲ ଖାଦ୍ୟ ପ୍ରସ୍ତୁତ କରିବ ବୋଲି କହିଥିଲେ। ବିଶେଷ କରି ଜାତୀୟ ରାଜପଥ ପାର୍ଶ୍ୱରେ ଏହା ଅବସ୍ଥାପିତ ହୋଇଥିବା ବେଳେ ବାଲେଶ୍ୱର ସମେତ ମୟୂରଭଂଜ ଓ ଭଦ୍ରକ ଜିଲା ଲୋକଙ୍କୁ ଏହି ହୋଟେଲ ଉଚିତ ସେବା ପ୍ରଦାନ କରିବ ବୋଲି ସେ କହିଥିଲେ। ସୌମ୍ୟରଂଜନ ପାଣିଗ୍ରାହୀ, ଜଗନ୍ନାଥ ପଣ୍ଡା, ଜୟନ୍ତ ପଣ୍ଡା, ସୁଶାନ୍ତ କୁମାର ରଣା, ସୁବଳ କୁମାର ପ୍ରଧାନ ପ୍ରମୁଖ ହୋଟେଲ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୪୫ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୨୦।୧୨ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୪୫ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି। ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୩୮୮ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି। ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୪୭୦ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି। କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

## ଚାଷୀ ଆନ୍ଦୋଳନରେ ସହୀଦ୍‌ଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି




ଜଳେଶ୍ୱର, ୨୦/୧୨ (ନିପ୍ର): କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ୍ ଓ ବିଦ୍ୟୁତ୍ ବିଲ-୨୦୨୦କୁ ବିରୋଧ କରି କୃଷକ ମାନେ ଖୋଲା ଆକାଶ ତଳେ ଦିଲ୍ଲୀ ସୀମାରେ ବିକ୍ଷୋଭରେ ବସିଛନ୍ତି। ନଭେମ୍ବର ୨୬ରୁ ବିକ୍ଷୋଭ ଚାଲିଥିବା ବେଳେ ପ୍ରବଳ ଶୀତ ଯୋଗୁଁ କୃଷକମାନଙ୍କୁ ସହିଦ୍ ହେବାକୁ ପଡୁଛି। ଇତିମଧ୍ୟରେ ୨୫ ଦିନ ବିତି ଯାଇଥିଲେ ମଧ୍ୟ କେନ୍ଦ୍ର ସରକାରଙ୍କ ଜିଦ୍‌ଖୋର ମନବୃତ୍ତି ଯୋଗୁଁ ୩୧ଜଣ ଚାଷୀ ପ୍ରାଣତ୍ୟାଗ କରି ସହିଦ୍ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ଅଗ୍ରୱାଲା ଛକ ନିକଟରେ ଆଜି ରବିବାର ପୂର୍ବାହ୍ନରେ କୃଷକ ସଂଘର୍ସ ସମନ୍ୱୟ ସମିତି ପକ୍ଷରୁ ଏକ ଜାତୀୟ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇ ଯାଇଛି। ବସନ୍ତ ଦାସ ଙ୍କ ସଭାପତିତ୍ୱରେ ଶିତାଂଶୁ ସେନାପତି, ଦିଲ୍ଲିପ କୁମାର ଗିରି, ଦିପ୍ତିମାନ ଆଚାର୍ଯ୍ୟ,ମନୋରଂଜନ ଦାସ, ଅକ୍ଷୟ ମିଶ୍ର, ଡ. ଅଜିତ୍ ମହାନ୍ତି, ରବିନ୍ଦ୍ର ବାରିକ, ଦିଲ୍ଲିପ ପରିଡା, ପଲଟୁ ଦାସ, ନିରୋଜ ବେହେରା, ସେକ୍ ଅବଦୁଲ ସାଦିକ୍, ନରେନ୍ ସିଂହ, କେଦାର ସାମଲ, ବିଜୟ ବେହେରା, ବିମଳ ଦାସ, ଘନଶ୍ୟାମ ଭୂୟାଁ, ଗୌରାଙ୍ଗ ସିଂହ ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ରଖିଥିଲେ। ପ୍ରଥମେ ସହିଦ୍ ବେଦୀରେ ପୁଷ୍ପମାଲ୍ୟ ଦେବାପରେ ୧ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।

## ପୋଲିସ- ମାଓବାଦୀ ଗୁଳି ବିନିମୟ : ଜଣେ ମାଓ ମିଲିସିଆ ଅଟକ

କନ୍ଧମାଳ,୨୦।୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା ଗୋଛାପଡ଼ା ବୀରେନି ଜଙ୍ଗଲରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ମାଓବାଦୀ କ୍ୟାମ୍ପ କରିଥିବା ଖବର ପାଇ ଯବାନ ମାନେ ଘଟଣାସ୍ଥଳରେ ପହଂଚି କମ୍ବିଂ ଅପରେସନ ଚଳାଇଥିଲେ। ଏସଓଜି ଓ ଡ଼ିଭିଏଫ ପକ୍ଷରୁ ମିଳିତ ଭାବେ କମ୍ବିଂ ଅପରେସନ ବେଳେ ପ୍ରଥମେ ମାଓବାଦୀ ମାନେ ଯବାନଙ୍କ ଉପରକୁ ଗୁଳି ଚଳାଇଥିଲେ। ପରେ ସୁରକ୍ଷା କର୍ମୀଙ୍କ ପାଲଟା ଆକ୍ରମଣରେ ଘଟଣାସ୍ଥଳରୁ ଖସିଯିବାରେ ସଫଳ ହୋଇଛନ୍ତି ୮ରୁ ୧୦ ମାଓବାଦୀ। ଜଣେ ମାଓ ମିଲିସିଆ ସଦସ୍ୟଙ୍କୁ ଅଟକ ରଖି କନ୍ଧମାଳ ପୋଲିସ ପଚରା ଉଚୁରା ଜାରୀ ରଖିଛି। ଖସିଯାଇଥିବା ମାଓବାଦୀ ମାନେ କେକେବିଏନ ଡ଼ିଭିଜନର ସଦସ୍ୟ ଥିବା ସନ୍ଦେହ କରାଯାଉଛି। ଅନ୍ୟପକ୍ଷରେ ଘଟଣାସ୍ଥଳରୁ ୨ଟି ଦେଶି ବନ୍ଧୁକ, ଗୋଟିଏ ରେଡ଼ିଓ, ଔଷଧ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଜବତ ହୋଇଥିବା ନେଇ କନ୍ଧମାଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ ସୂଚନା ଦେଇଛନ୍ତି।

## ମୟୂରଭଞ୍ଜ ଜିଲ୍ଲାରେ ଖରିଫ ଧାନ ସଂଗ୍ରହ ପାଇଁ ମଣ୍ଡିରେ ଧାନ କ୍ରୟ ଆରମ୍ଭ

ବାରିପଦା,୨୦।୧୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ଚଳିତ ୨୦୨୦-୨୧ ଖରିଫ ଧାନ ସଂଗ୍ରହ / କ୍ରୟ ପାଇଁ ପ୍ରକୃତ ଚାଷୀ ମାନଙ୍କ ଠାରୁ ତା.୧୮.୧୨.୨୦୨୦ ରିଖରୁ ଧାନମଣ୍ଡି ଖୋଲା ଯାଇ ଧାନ କ୍ରୟ / ସଂଗ୍ରହ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଅଛି। ଜିଲ୍ଲା ପ୍ରଶାସନ ତତ୍ୱବଧାନରେ ଜିଲ୍ଲା ଯୋଗାଣ, ଜିଲ୍ଲା ସମବାୟ ନିବନ୍ଧକ, ଆର୍‌ଏମ୍‌ସି ପକ୍ଷରୁ ବାଙ୍ଗିରିପୋଷି ସମବାୟ ସମିତ କାର୍ଯ୍ୟାଳୟ ପରିସର ଠାରେ ଆୟୋଜିତ ଧାନ ମଣ୍ଡି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବାରିପଦା ଉପଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡି, ଭା.ପ୍ର.ସେ. ଯୋଗଦେଇ ଆନୁଷ୍ଠାନିକ ଭାବେ ଧାନମଣ୍ଡି ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଧାନ ସଂଗ୍ରହ ପାଇଁ ଆନୁସଙ୍ଗିକ ବ୍ୟବସ୍ଥା ଅନୁଧାନ କରିବା ସହ ଚାଷୀ ମାନଙ୍କ ସୁବିଧା ପ୍ରତି ଦୃଷ୍ଟି ଦେଇ କାର୍ଯ୍ୟକ୍ରମ ସୁପରିଚାଳନା କରିବାକୁ ସଂପୃକ୍ତ ବିଭାଗ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ



ଦେଇଛନ୍ତି। ସେହିପରି ମଣ୍ଡିରେ ଧାନ ବିକ୍ରୟ ପାଇଁ ଉପସ୍ଥିତ ଥିବା ଚାଷୀ ମାନଙ୍କୁ ଏଫଏକ୍ୟୁ ମାନର ଧାନ ମଣ୍ଡିକୁ ଆଣିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେନ୍ଦ୍ର ପାଢୀ, ଯୋଗାଣ ଅଧିକାରୀ ରାଜକିଶୋର ପାଣିଗ୍ରାହୀ, ଡିଆରସିଏସ୍ ଦମୟନ୍ତି ସିଂ, ଏସିଏସଓ ସର୍ବେଶ୍ୱର ନାୟକ ଓ କିଶୋର ମହାରଣା, ଏଆର୍‌ସିଏସ୍ ସ୍ୱାତୀ ମହାନ୍ତି ଓ ତୁଷାରକାନ୍ତୀ ମହାନ୍ତି, ଆର୍‌ଏସ୍‌ସି ସେକ୍ରେଟାରୀ ସୁଧାକର ସାହୁ, ଲ୍ୟାମ୍ପସ ଏମ୍‌ଡି ଅମିତି କୁମାର ଗିରି ପ୍ରମୁଖ ସମେତ ସଂପୃକ୍ତ ବିଭାଗ କ୍ଷେତ୍ର ଅଧିକାରୀ ଏବଂ ମିଲରମାନେ ଯୋଗ ଦେଇଥିଲେ। ଏହି ଅବସରରେ ହିମାଂଶୁ ଶେଖର ପୂର୍ତି, କମଳାକାନ୍ତ ବାରିକ, ସୁରେନ୍ଦ୍ର ଦିଗାର ତିନି ଜଣ ଚାଷୀଙ୍କ ଠାରୁ ଏଫଏକ୍ୟୁ ମାନର ମୋଟ୍ ୬୩ କୁଇଣ୍ଟାଲ୍ ୨୯ କିଗ୍ରା ଧାନ କ୍ରୟ ଶୁଭାରମ୍ଭ କରାଯାଇ ଥିବାବେଳେ ଶାମାଖୁଣ୍ଟା ସମବାୟ ସମିତି କାର୍ଯ୍ୟାଳୟରେ ମଧ ଉକ୍ତ ଦିନ ୭ ଜଣ ଚାଷୀଙ୍କ ଠାରୁ ୨୭୩ କୁଇଂଟାଲ୍ ଧାନ କ୍ରୟ କରାଯାଇଛି। ଏଥି ସହିତ ଜିଲ୍ଲାର ସମସ୍ତ ୪ ଉପଖଣ୍ଡର ବ୍ଲକ ଅଂଚଳରେ ୧୨ ଟି ଲ୍ୟାମ୍ପସ୍‌ରେ ଧାନ ମଣ୍ଡି ଖୋଲାଯାଇ ୧୪୦ ଜଣ ଚାଷୀଙ୍କ ଠାରୁ ପ୍ରଥମ ଦିନରେ ମୋଟ ୪୩୯୦ କୁଇଂଟାଲ୍ ୩୦ କେଜି ଏଫଏକ୍ୟୁ ମାନର ଧାନ କିଣାଯାଇଛି ବୋଲି ଡିଆରସିଏସ୍ ସୂଚନା ଦେଇଛନ୍ତି। ସୂଚନା ଯୋଗ୍ୟ କି ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ନିର୍ଦ୍ଦେଶନୁସାରେ ଚଳିତ ଖରିଫ ଋତୁରେ ଜିଲ୍ଲାରୁ ୯ ଲକ୍ଷ ୪୧ ହଜାର କୁଇଂଟାଲ୍ ଖରିଫଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ ପାଇଁ ଜିଲ୍ଲାରେ ଖରିଫ ଧାନ ସଂଗ୍ରହ କାର୍ଯ୍ୟକ୍ରମକୁ ତ୍ୱାରାନ୍ୱିତ କରାଯାଉଛି। ଜିଲ୍ଲାରେ ଖରିଫ ଧାନ ସଂଗ୍ରହ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଜିଲ୍ଲା ଯୋଗାଣ, ଡିଆର୍‌ସିଏସ୍, ଆର୍‌ଏମ୍‌ସି ବିଭାଗ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଥିବା ୫୨ ଟି ପ୍ରାଥମିକ ସମବାୟ ସମିତି (ପ୍ୟାକ୍ସ) / ଲ୍ୟାମ୍ପସ୍ ଜରିଆରେ ପିକୃତ ଚାଷି ମାନଙ୍କ ଠାରୁ ଜିଲ୍ଲାର ସମସ୍ତ ବ୍ଲକ ଅଂଚଳରେ ଖୋଲାଯାଇଥିବା ୧୦୦ ଟି ମଣ୍ଡିରେ ଧାନ କ୍ରୟ ଯଥାକ୍ରମେ ଏଫଏକ୍ୟୁ ଗ୍ରେଡ୍ ଏ ମାନ ଧାନର ମୂଲ୍ୟ କୁଇଂଟାଲ ପ୍ରତି ୧୮୮୮ ଟଙ୍କା ଏବଂ ସାଧାରଣ ଏଫଏକ୍ୟୁ ମାନ ଧାନର ମୂଲ୍ୟ କୁଇଂଟାଲ୍ ପ୍ରତି ୧୮୬୮ ଟଙ୍କା ଧାର୍ଯ୍ୟରେ ଧାନ କ୍ରୟ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯାଉଥିବାବେଳେ ଧାନର ସହାୟକ ମୂଲ୍ୟ ଚାଷୀଙ୍କ ବ୍ୟାଙ୍କ ପାସ ବହିରେ ଅନ୍‌ଲାଇନ ମାଧମରେ ପ୍ରଦାନ କରାଯିବାକୁ ବ୍ୟବସ୍ଥା କରାଯାଇଛି।

## ଟାଉନ୍ ହାଇସ୍କୁଲର ଛାତ୍ର ୰ ସବ୍ୟସାଚୀଙ୍କୁ ଶ୍ରଦ୍ଧାଞ୍ଜଳି



ଜଳେଶ୍ୱର, ୨୦/୧୨ (ନିପ୍ର): ଠିକ୍ ଏକ ବର୍ଷ ପୂର୍ବେ ଆଜିର ଦିନରେ ଜଳେଶ୍ୱର ସରକାରୀ ଟାଉନ୍ ହାଇସ୍କୁଲରେ ଦଶମ ଶ୍ରେଣୀରେ ଅଧ୍ୟୟନ ସବ୍ୟସାଚୀ ବେହେରା ରାସ୍ତା ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ସେହିଦିନକୁ ସ୍ମୃତି ରକ୍ଷା କରିବା ପାଇଁ ଆଜି ପୂର୍ବାହ୍ନରେ ବିଦ୍ୟାଳୟ ପ୍ରାଙ୍ଗଣରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇ ଯାଇଛି। ଉପସ୍ଥିତ ଗୁରୁଜୀ-ଗୁରୁମା ଓ କର୍ମଚାରୀଙ୍କ ପକ୍ଷରୁ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଶିକ୍ଷକ ଡ. ଅଜିତ୍ କୁମାର ମହାନ୍ତିଙ୍କ ପୌରହିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଶିକ୍ଷକ ରମେଶ ଚନ୍ଦ୍ର ଗିରି. ସଂଗିତା ଜେନା, ସ୍ନିଗ୍ଧାରାଣୀ ଜେନା, ରାଣୀବାଳା କର, ସୌଦାମିନୀ ଦେ, ଝାନ୍‌ସୀ ରାଣୀ ଘଡେଇ, ସ୍ମିତା ରାଣୀ ଭଂଜ, ସୁସ୍ମିତା ପରିଡା, ପ୍ରଣତି ଦାସ, ମଧୁମିତା ଗିରି, ଲକ୍ଷହୀରା ଗିରି, ମଉସ୍ମିତା ବାରିକ ପ୍ରମୁଖ ଉପସ୍ଥିତ ତୈଳଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo